RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -97 | ସଂଖ୍ୟା-୯୭
ଭୁବନେଶ୍ୱର, ବୁଧବାର ୨୪ ଜୁନ୍ ୨୦୨୬
Bhubaneswar, Wednesday 24 June, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି
## ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର, ୨୩।୬(ନି.ପ୍ର.): ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୃତ ଓଡ଼ିଆ ଶ୍ରମିକଙ୍କ ସହାୟତା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଏହା ସହିତ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିର ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।



ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ଆଖି ବୁଜିଲେ ଆଉ ଦୁଇ ଜଣ ଓଡିଆ। କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗଙ୍କର ମୃତ୍ୟୁ ହୋଇଛି। ଆଜି ସକାଳୁ ଜାମୁନି ଜୁଆଙ୍ଗଙ୍କର ବି ମୃତ୍ୟୁ ହୋଇଥିଲା । ଏହାସହ ଗ୍ୟାସ୍ ଟ୍ରାଜେଡି ଘଟଣାରେ ଓଡିଆଙ୍କ ମୃତ୍ୟୁ ସଂଖ୍ୟା ୭ରେ ପହଞ୍ଚିଛି। ଗୁରୁତର ଭାବେ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ସଜନୀ ଜୁଆଙ୍ଗ ଓ ଜାମୁନି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଛି । ମୃତକ ଜାମୁନୀଙ୍କ ଘର କେନ୍ଦୁଝର ତେଲକୋଇ ବ୍ଲକ ଟାଙ୍ଗିରି ଗାଁରେ। ପୂର୍ବରୁ କେବଳ କେନ୍ଦୁଝର ଜିଲ୍ଲାରୁ ୫ ଜଣଙ୍କର ଜୀବନ ଯାଇଥିଲା। ତେଲକୋଇ ଟାଙ୍ଗିରି ଗାଁରୁ ମୋଟ ୧୮ ଜଣ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କର ମୃତ୍ୟୁ ହୋଇଛି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି ।ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି । ପୀଡ଼ିତ ପରିବାରମାନଙ୍କୁ ସରକାରୀ ସହାୟତା ଏବଂ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି ।

ଏଣେ, ଓଡ଼ିଶା ଟିମ୍‌ର ସଦସ୍ୟ ଏମ୍.ଏମ୍. ପାଇକ ଚେନ୍ନାଇରେ ରହି ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପୋଷ୍ଟମର୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିବେ। ରାଜେଶ ଅଗ୍ରୱାଲା ଏବଂ ବି.ବି. ଆଚାର୍ଯ୍ୟ ଚେନ୍ନାଇରେ ପହଞ୍ଚିବା ପରେ ତିରୁଭାଲ୍ଲୁର ଅଭିମୁଖେ ଯିବେ। ସେଠାରେ ଚିକିତ୍ସାଧୀନ ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରାଯିବ। କେତେକ ଆହତଙ୍କ ଅବସ୍ଥା ଏପର୍ଯ୍ୟନ୍ତ ସଙ୍କଟାପନ୍ନ ରହିଛି। ଅନ୍ୟ ଜଣେ ମୃତ ଶ୍ରମିକଙ୍କ ମୃତଦେହ ମଧ୍ୟ ବର୍ତ୍ତମାନ ତିରୁଭାଲ୍ଲୁରରେ ରହିଛି।

ପ୍ରାୟ ୧୩୦ ଜଣ ଶ୍ରମିକଙ୍କୁ ନିକଟସ୍ଥ ଏକ ମଣ୍ଡପ/କମ୍ୟୁନିଟି ହଲ୍‌ରେ ରଖାଯାଇଛି। ସେମାନଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଚେନ୍ନାଇ ଏବଂ ତିରୁଭାଲ୍ଲୁରର ବରିଷ୍ଠ ଶ୍ରମ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ ସ୍ଥାପିତ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ଜାରି ରହିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

# ଆଧାର ଦେଖାଇଲେ ସିଧା ଶ୍ରୀମନ୍ଦିରକୁ ପ୍ରବେଶ
## ଶ୍ରୀଜିଉଙ୍କ ଦର୍ଶନ ହେବ ଆହୁରି ସହଜ
## ରଥଯାତ୍ରା ପୂର୍ବରୁ ସରକାରଙ୍କ ବଡ଼ ଘୋଷଣା

ପୁରୀ୨୩।୬(ନି.ପ୍ର.): ରଥଯାତ୍ରା ପାଇଁ ଦିନ ଗଣତି ଆରମ୍ଭ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ଦର୍ଶନକୁ ଆହୁରି ସୁବ୍ୟବସ୍ଥିତ ଓ ସୁଗମ କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ବିଶେଷକରି ପୁରୀ ସହରବାସୀଙ୍କ ପାଇଁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପ୍ରକ୍ରିୟାକୁ ସରଳ କରିବାକୁ ବ୍ୟବସ୍ଥା କରାଯାଉଛି।ମଙ୍ଗଳବାର ଏନେଇ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଓକାକ୍ (ଙଉଇଉ) ସହଯୋଗରେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ପୁରୀ ସହରର ଦୁଇଟି ପୋଷ୍ଟାଲ ପିନ୍ କୋଡ୍‌କୁ ଆଧାର କରି ସ୍ଥାନୀୟ ବାସିନ୍ଦାଙ୍କ ଚିହ୍ନଟ କରାଯିବ। ଏହା ଫଳରେ ପୁରୀବାସୀ ନିଜ ଆଧାର କାର୍ଡ ଦେଖାଇ ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ।ତେବେ ଏହି ସୁବିଧା କେବଳ ପୁରୀ ସହରର ବାସିନ୍ଦାଙ୍କ ପାଇଁ ସୀମିତ ରହିବ। ଯଦି କୌଣସି ବ୍ୟକ୍ତି ନିଜ ସହ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କୁ ନେବାକୁ ଚାହିଁବେ, ସେମାନଙ୍କୁ ଏହି ସ୍ୱତନ୍ତ୍ର ସୁବିଧାର ଲାଭ ମିଳିବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ରଥଯାତ୍ରା ସମୟରେ ଭକ୍ତଙ୍କ ଅସମ୍ଭବ ଭିଡ଼କୁ ଦୃଷ୍ଟିରେ ରଖି ଦର୍ଶନ ବ୍ୟବସ୍ଥାକୁ ସୁଚାରୁ କରିବା ଏବଂ ସ୍ଥାନୀୟ ଲୋକଙ୍କୁ ଅନାବଶ୍ୟକ ଅସୁବିଧାରୁ ମୁକ୍ତ ରଖିବା ଲକ୍ଷ୍ୟରେ ଏହି ନୂଆ ପଦକ୍ଷେପ ନିଆଯାଇଛି। ଏହା ଦ୍ୱାରା ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଆହୁରି ଶୃଙ୍ଖଳିତ ହେବ ବୋଲି ଆଶା କରାଯାଉଛି।

# ଭିଜିଲାନ୍ସ ଜାଲରେ ଆଉ ଜଣେ ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର, ୨୩।୬(ନି.ପ୍ର.): ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଥିବା ସମ୍ବଲପୁର ଡିଭିଜନର କାଡା (କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି)ର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ଅମାପ ସଂପତ୍ତିର ତଥ୍ୟ ସାମ୍ନାକୁ ଆସିଛି। ଭିଜିଲାନ୍ସ ଚଢ଼ଉ ସମୟରେ ପଦ୍ମଲୋଚନ ନାୟକଙ୍କର ୨ଟି ବହୁମହଲା କୋଠା, ୧୫ଟି ମୂଲ୍ୟବାନ ପ୍ଲଟ୍, ନଗଦ ୩.୪୫ ଲକ୍ଷ ଟଙ୍କା, ୩ଟି ଦାମୀ କାର, ଗୋଟିଏ ଜେସିବି ଆଦି ଠାବ କରିଛି।





## ଦୁଇଟି କୋଠା, ୧୫ ମୂଲ୍ୟବାନ ପ୍ଲଟ୍ ଓ ୩ଟି କାର୍ ଠାବ

ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ସମ୍ପତ୍ତି ଠାବ କରାଯାଇଛି- ଏପର୍ଯ୍ୟନ୍ତ ଘର ଚଢ଼ଉ ସମୟରେ, ଶ୍ରୀ ନାୟକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ସମ୍ପତ୍ତି ଠାବ କରାଯାଇଛି । ବିଦ୍ୟାଧରପୁର, କଟକରେ ଅବସ୍ଥିତ ପ୍ରାୟ ୭ ହଜାର ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ତିନି ମହଲା କୋଠା ।ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୁଖାଲିସରେ ଅବସ୍ଥିତ ୧୪୬୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ ମହଲା କୋଠା। ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଏବଂ ଡେଲାଙ୍ଗ (ପୁରୀ)ରେ ୧୫ଟି ମୂଲ୍ୟବାନ ପ୍ଲଟ୍ ।ଉପରୋକ୍ତ କୋଠା/ପ୍ଲଟର ମାପ ଏବଂ ମୂଲ୍ୟାଙ୍କନ/ମୂଲ୍ୟାୟନ ଭିଜିଲାନ୍ସ ଟେକ୍ନିକାଲ୍ ୱିଙ୍ଗ ଦ୍ୱାରା କରାଯାଉଛି । ଶ୍ରୀଲଙ୍କା, ନେପାଳ, ବାହାରିନ୍ ଏବଂ ଆମେରିକାର କିଛି ବିଦେଶୀ ମୁଦ୍ରା ନୋଟ୍ ସହିତ ନଗଦ ୩,୪୫,୦୦୦/- ଟଙ୍କା। ବ୍ୟାଙ୍କ, ପୋଷ୍ଟାଲ୍ ଜମା ଏବଂ ଆର୍ଥିକ ଉପକରଣରେ ଅନ୍ୟାନ୍ୟ ନିବେଶ ନିର୍ଣ୍ଣୟ କରାଯାଉଛି। ଜେସିବି ମେସିନ୍ ।୩ ଚାରି ଚକିଆ ଯାନ (ଟୋୟୋଟା ଇନୋଭା, ଟାଟା ଇଣ୍ଡିଗୋ, ୱାଗନ୍‌ଆର୍) ଏବଂ ୧ ଦୁଇ ଚକିଆ ଯାନ। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୪ ଜଣ ଡିଏସ୍‌ପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଛଅଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଉଛି।

## ଜୁନ୍ ୨୮ରେ ଆରଆଇ ଓ ଜୁଲାଇ ୫ରେ ଓଟିଇଟି

ଭୁବନେଶ୍ୱର: ଗୋଟିଏ ଦିନରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବଢୁଥିବା ଚିନ୍ତାର ଅବସାନ ଘଟିଛି । ଆରଆଇ ପରୀକ୍ଷାର ତାରିଖରେ ପରିବର୍ତ୍ତନ କରାଯାଇଛି । ନୂତନ ସୂଚୀ ଅନୁସାରେ, ଜୁନ୍ ୨୮ରେ ଆରଆଇ ପରୀକ୍ଷା ଆୟୋଜିତ ହେବ । ଅନ୍ୟପଟେ, ଜୁଲାଇ ୫ରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ ।

ପୂର୍ବରୁ ଏକା ଦିନରେ ଉଭୟ ପରୀକ୍ଷା ହେବାର ସମ୍ଭାବନା ଥିବାରୁ ପରୀକ୍ଷାର୍ଥୀମାନେ ଅସୁବିଧାରେ ପଡ଼ିଥିଲେ ଏବଂ ତାରିଖ ପରିବର୍ତ୍ତନ ପାଇଁ ଦାବି କରୁଥିଲେ । ସେମାନଙ୍କ ଦାବିକୁ ବିଚାରକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଉଭୟ ପରୀକ୍ଷା ପାଇଁ ପ୍ରସ୍ତୁତି ନେଉଥିବା ପ୍ରାର୍ଥୀମାନେ ବିନା ଦ୍ୱନ୍ଦ୍ୱରେ ପରୀକ୍ଷା ଦେଇପାରିବେ ଏବଂ ନିଜ ଭବିଷ୍ୟତ ପାଇଁ ସୁଯୋଗକୁ ସୁରକ୍ଷିତ କରିପାରିବେ ।

# ୪ରେ ଗୃହମନ୍ତ୍ରୀ ଶାହ, ୯ରେ ଆସିବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୨୩।୬(ନି.ପ୍ର.): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତର ୪ଦିନ ନପୁରୁଣୁ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓଡିଶା ଗସ୍ତରେ ଆସିବେ ବୋଲି ଜଣାପଡିଛି। ଅମିତ୍ ଶାହ ଜୁଲାଇ ୪ତାରିଖରେ ଓ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଜୁଲାଇ ୯ତାରିଖରେ ଓଡିଶା ଗସ୍ତରେ ଆସିବେ ବୋଲି ଆଜି ସରକାରୀ ଭାବେ ସୂଚନା ଦିଆଯାଇଛି।



ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନଙ୍କ ୯ତାରିଖରେ ଦିନିକିଆ ଗସ୍ତକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡିଶାର ବ୍ଲୁ ଇକୋନୋମିର ବିକାଶ କ୍ଷେତ୍ରରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡିଛି।

ଆଜିର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତି(ଠସମର ଚକ୍ୱରଶ୍ୱସୟରଭଶ୍ୱ)ଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି ।ସେହିପରି କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଗତକାଲି ଆନୁଷ୍ଠାନିକ ସୂଚନା ଆସିଛି। ଗୃହମନ୍ତ୍ରୀ ଅମିତ୍ ଶାହ ରାଜ୍ୟର ଏକାଧିକ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅମିତ୍ ଶାହ(ଇଙ୍ଗସଶ୍ୱ ଝଷବଷ)ଙ୍କ ପ୍ରସ୍ତାବିତ ଓଡିଶା ଗସ୍ତବେଳେ ବଡମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ ସମେତ ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ବାଲେଶ୍ୱରର ବସ୍ତାଠାରେ ୭୮କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାର ଓ ଭୁବନେଶ୍ୱରର ପାଣ୍ଡରାଠାରେ ୫୯କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଯୋଗ ଦେବେ ।ଏହାସହିତ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ 'ପତାକା'କୁ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ଭବ୍ୟ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଚଳିତବର୍ଷ ଜାନୁଆରୀ ୨୩ତାରିଖରେ ଓଡିଶା ଗସ୍ତରେ ଆସି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ମାର୍ଚ୍ଚ ୬ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଷପିଇ ପ୍ରାଣ ହାରିଲେ ଚାଷୀ

ନୂଆପଡ଼ା୨୩।୬(ନି.ପ୍ର.):: ନୂଆପଡ଼ାଜିଲ୍ଲା କୋମନା ବ୍ଲକର ଜଡ଼ାମୁଣ୍ଡାର ଜଣେ ଚାଷୀ ଗତକାଲି ସନ୍ଧ୍ୟାରେ ବିଷ ପିଇ ପ୍ରାଣ ହରାଇଛନ୍ତି। ଆଜି ମୃତ ଦେହ ବ୍ୟବଚ୍ଛେଦ ପରେ କ୍ଷତିପୂରଣ ପାଇଁ ପରିବାର ଲୋକ, ଗ୍ରାମବାସୀ ଓ ରାଜନେତା ପକ୍ଷରୁ ଜଡାମୁଣ୍ଡା ଛକ ୩୫୩ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘଟଣା ସ୍ଥାନକୁ ନୂଆପଡା ଉପଜିଲ୍ଲାପାଳ ସୁମୀ ସେରେନ, କୋମନା ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ଏସପି, ଏଡିପିଓ ଉପସ୍ଥିତ ରହିଛନ୍ତି।

ଲୋକେ ମୃତ ପରିବାରଙ୍କୁ ୨୦ ଲକ୍ଷ ଟଙ୍କା, ପରିବାରର ଜଣଙ୍କୁ ଚାକିରି ଦିଆଯାଉ ବୋଲି ଦାବୀ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାସ୍ତା ଅବରୋଧ କରିଛନ୍ତି। ଏହି ରାସ୍ତା ଅବରୋଧ ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝୀ, ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ମାଝୀ, ଭରତଲାଲ ରାଉତ, ହେମନ୍ତ କର ସହ ଗ୍ରାମବାସୀ ଉପସ୍ଥିତ ରହିଛନ୍ତି।

ପ୍ରକାଶ ଯେ ଗତକାଲି ଜଡାମୁଣ୍ଡା ଗ୍ରାମର ଚାଷ ପାଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଚାଷୀ ଜଣଙ୍କ ହେଲେ ନେପାଳ ମାଝୀ (୪୨)। ପ୍ରକାଶ ଯେ, ଚାଷୀ ନେପାଳ ମେ ୩୦ ତାରିଖରେ ୩୬ କ୍ୱିଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ। ମଣ୍ଡିକୁ ସେ ଧାନ ଆଣିନଥିଲେ । ନୂଆପଡ଼ା ଯୋଗାଣ ଅଫିସକୁ ଆସି ଚାଷୀଙ୍କ ଧାରଣାରେ ସାମିଲ ହୋଇଥିଲେ ଷ ଧାରଣା ପ୍ରତ୍ୟାହୃତ ହେବା ପରେ ସେ ଘରକୁ ଫେରି ଚିନାବାଦମ ନେଇ ବିକ୍ରି କରିବାକୁ ଯାଇଥିଲେ ଷ ସେଠାରୁ ଘରକୁ ଫେରି କୀଟନାଶକ ପିଇଥିବା ଆଶଙ୍କା କରାଯାଉଛି। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକ ଚାଷୀଙ୍କୁ ତୁରନ୍ତ ନୂଆପଡ଼ା ମୁଖ୍ୟ ଡାକ୍ତରଖାନରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କ ମୃତ ଘୋଷଣ କରିଥିଲେ । ସୂଚନା ଅନୁସାରେ, ଚାଷୀ ଜଣଙ୍କ ଟୋକନ ଆଣିଥିଲେ ମଧ୍ୟ ମଣ୍ଡିକୁ ଧାନ ଆଣିନଥିଲେ । ଚାଷୀଙ୍କ ଚଳିତ ମାସ ୨୮ ତାରଖ ପାର୍ଯ୍ୟନ୍ତ ଟୋକଟର ଅବଧି ରହିଥିବା ବେଳେ ଚାଷୀ ଜଣଙ୍କ ବିଷ ପିଇ ପ୍ରାଣ ହରାଇଥିବାରୁ ଏହା ପଛର କାରଣକୁ ନେଇ ସନ୍ଦେହ ରହିଛି।

## ସମ୍ପୂର୍ଣ୍ଣ ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର୨୩।୬(ନି.ପ୍ର.):: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ସାରା ରାଜ୍ୟକୁ ଛୁଇଁଛି । ୧୧ ଦିନରେ ମୌସୁମୀ ସାରା ରାଜ୍ୟକୁ ଛୁଇଁଛି । ଏ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜୁନ୍ ୧୨ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଅଭିମୁଖେ ଅଗ୍ରସର ହୋଇ ଜୁନ୍ ୧୬ ତାରିଖରେ ରାଜ୍ୟକୁ ଛୁଇଁଥିଲା । ଗତକାଲି ସୁଦ୍ଧା ବରଗଡ଼, ନବରଙ୍ଗପୁର ଏବଂ ଝାରସୁଗୁଡ଼ା, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ମୌସୁମୀ ଛୁଇଁଥିଲା ।ଆଗାମୀ ୪୮ ଘଣ୍ଟା ମଧ୍ୟରେ ସାରା ରାଜ୍ୟକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । ଉଲ୍ଲେଖ ଯୋଗ୍ୟ, ଚଳିତ ବର୍ଷ ୩ ଦିନ ବିଳମ୍ବରେ ମୌସୁମୀ ଭାରତକୁ ପ୍ରବେଶ କରିଥିଲା । ଜୁନ୍ ୪ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳମ୍ ଛୁଇଁଥିଲା । ସୁପର୍ ଏଲନିନୋ ପ୍ରଭାବ ଯୋଗୁଁ ମୌସୁମୀ ଆଗମନରେ ବିଳମ୍ବ ହୋଇଥିବା କୁହାଯାଉଛି ।

## ଦିଲ୍ଲୀରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ୨୩।୬(ନି.ପ୍ର.):: ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଦିଲ୍ଲୀରେ ଆଜି ଆରମ୍ଭ ହୋଇଛି। ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିରଙ୍କ ସହିତ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏ ନେଇ ଆଲୋଚନା ଚଳାଇଛନ୍ତି। ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ରାଜିନାମା ସଂପର୍କରେ ଆଲୋଚନା ପାଇଁ ଗ୍ରିର୍ ନୂଆଦିଲ୍ଲୀରେ ପହଞ୍ଚିଥିବା ସଂପର୍କରେ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର୍ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିଛନ୍ତି।ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ମୁଖ୍ୟାଳୟ ବାଣିଜ୍ୟ ଭବନରେ ଏ ନେଇ ବୈଠକ ଚାଲିଛି। ଏଥିରେ ବାଣିଜ୍ୟ ବିଭାଗର ସଚିବ ରାଜେଶ ଅଗ୍ରୱାଲ ଏବଂ ବାଣିଜ୍ୟ ଆଲୋଚନାର ନେତୃତ୍ୱ ନେଉଥିବା ଦର୍ପଣ ଜେନ ମଧ୍ୟ ଉପସ୍ଥିତ ଅଛନ୍ତି।

# କଂଗ୍ରେସ ସଂଗଠନରେ ହୋଇପାରେ ବଡ଼ ଅଦଳବଦଳ

ନୂଆଦିଲ୍ଲୀ, ୨୩।୬(ନି.ପ୍ର.): ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଂଗ୍ରେସ ହାଇକମାଣ୍ଡ ଏକ ବଡ଼ ଧରଣର ସାଂଗଠନିକ ଅଦଳବଦଳ କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଦଳ ଭିତରେ ଥିବା ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ରୋକିବା ସହ ନୂତନ ଏବଂ ପ୍ରଭାବଶାଳୀ ନେତାଙ୍କୁ ସମ୍ମୁଖକୁ ଆଣିବା ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ଏବଂ ଅନେକ ରାଜ୍ୟର ସାଂଗଠନିକ ସ୍ତରରେ ବ୍ୟାପକ ପରିବର୍ତ୍ତନର ଗୁଜବ ଏବେ ରାଜନୈତିକ ମହଲରେ ସରଗରମ ହୋଇଛି।

ସୂତ୍ର ଅନୁସାରେ, ଏହି ପ୍ରକ୍ରିୟାରେ ପ୍ରାୟ ଚାରି ଜଣ କେନ୍ଦ୍ରୀୟ ସାଧାରଣ ସମ୍ପାଦକଙ୍କୁ ତାଙ୍କ ପଦବୀରୁ ହଟାଯାଇପାରେ ଏବଂ ଏହା ସହିତ ତିନିରୁ ଚାରୋଟି ପ୍ରମୁଖ ରାଜ୍ୟର ସଭାପତିଙ୍କୁ ମଧ୍ୟ ବଦଳାଯାଇପାରେ। ଶୃଙ୍ଖଳିତ ସଂଗଠନ ପାଇଁ ପ୍ରାୟ ୬ରୁ ୭ ଟି ରାଜ୍ୟର ପ୍ରଭାରୀଙ୍କୁ ବଦଳାଇବା ସହ ବର୍ତ୍ତମାନ କାର୍ଯ୍ୟରତ ୬୨ ଜଣ ରାଜ୍ୟ ସମ୍ପାଦକଙ୍କ ତୁଳନାରେ ପ୍ରାୟ ୨୬ ଜଣ ଜାତୀୟ ସମ୍ପାଦକଙ୍କୁ ମଧ୍ୟ ଦାୟିତ୍ୱରୁ ମୁକ୍ତ କରାଯିବାର ଯୋଜନା ରହିଛି।



ଏହି ସାଂଗଠନିକ ପରିବର୍ତ୍ତନ ପଛରେ 'ଜଣେ ବ୍ୟକ୍ତି ଜଣେ ପଦବି' ନିୟମ ଏବଂ ନେତାମାନଙ୍କର ନୂତନ ସରକାରୀ ଦାୟିତ୍ୱ ଏକ ମୁଖ୍ୟ କାରଣ ସାଜିଛି। ସୂତ୍ର ଅନୁସାରେ, ହରିୟାଣା ପ୍ରଭାରୀ ବିକେ ହରିପ୍ରସାଦ ନିକଟରେ କର୍ଣ୍ଣାଟକ କଂଗ୍ରେସର ରାଜ୍ୟ ସଭାପତି ହୋଇଥିବାରୁ ତାଙ୍କ ସ୍ଥାନରେ ହରିୟାଣା ପାଇଁ ଜଣେ ନୂଆ ପ୍ରଭାରୀ କିମ୍ବା ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବ। ସେହିପରି କେରଳରେ କଂଗ୍ରେସ ସରକାର ଗଠନ ହେବା ପରେ ମହାରାଷ୍ଟ୍ର ପ୍ରଭାରୀ ରମେଶ ଚେନ୍ନିଥାଲା ଏବଂ କେରଳ କଂଗ୍ରେସ ସଭାପତି ସନି ଯୋଶେଫ ମନ୍ତ୍ରୀ ପଦ ପାଇଛନ୍ତି, ଯାହାଫଳରେ ସେମାନଙ୍କ ସ୍ଥାନରେ ନୂଆ ମୁହଁଙ୍କୁ ଦାୟିତ୍ୱ ଦିଆଯିବ।

ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡଙ୍କରଙ୍କୁ ସମ୍ପ୍ରତି ଗୋଆର ରାଜ୍ୟ ସଭାପତି ଭାବେ ନିଯୁକ୍ତି କରାଯାଇଥିବାରୁ 'ଏଆଇସିସି' ଦାୟିତ୍ୱରୁ ତାଙ୍କର ବିଦାୟ ନିଶ୍ଚିତ ମାନାଯାଉଛି। ଏହା ସହିତ ଛତିଶଗଡ଼ ପ୍ରଭାରୀ ସଚିନ ପାଇଲଟ୍ ଏବଂ ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ସିଂହ ରନ୍ଧାୱାଙ୍କୁ ମଧ୍ୟ ସେମାନଙ୍କ ବର୍ତ୍ତମାନର ଦାୟିତ୍ୱରୁ ହଟାଯାଇ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଲଗାଯାଇପାରେ ।ରାଜ୍ୟ ସଂଗଠନଗୁଡ଼ିକୁ ସମୀକ୍ଷା କଲେ ଜଣାପଡ଼େ ଯେ, କଂଗ୍ରେସ ବିଶେଷ କରି ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶରେ ନୂଆ ରାଜ୍ୟ ସଭାପତି ନିଯୁକ୍ତ କରିବାକୁ ପ୍ରସ୍ତୁତି ଚଳାଇଛି। ବିଶେଷ କରି ୨୦୨୭ ମସିହାରେ ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ, ଏହି ଦୁଇ ରାଜ୍ୟର ସଭାପତି ପରିବର୍ତ୍ତନ ନିଷ୍ପତ୍ତିକୁ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପୂର୍ବରୁ କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବା ପାଇଁ ହାଇକମାଣ୍ଡ ଏହିସବୁ ନିଷ୍ପତ୍ତି ଖୁବଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରିପାରନ୍ତି।

## ଡାହୁକ



ନେତା ରାଜନେତା ଛତ୍ର ଛାୟାତଳେ
ଦୁର୍ବୃତ୍ତ ମାରନ୍ତି ହାଇ
ପୁଲିସି ନାଚନ୍ତ ଥେଇ ଥେଇ ହୋଇ
ଇସାରା ତାଙ୍କର ପାଇ
ଜନତା ରହନ୍ତି ଚାହିଁ
ରାଜ୍ୟରୁ ଦୃଦଶା ନାରୀଙ୍କଠୁ ଦଶା
କଟିବ କେମିତି ଭାଇ।
-ବିଧୁ

## ୮ ବିଦ୍ରୋହୀ ନେତାଙ୍କୁ ଦଳରୁ ବହିଷ୍କୃତ କଲେ ମମତା

କୋଲକାତା୨୩।୬(ନି.ପ୍ର.):: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରଠାରୁ ମମତା ବାନାର୍ଜୀଙ୍କ ଦଳ ତୃଣମୂଳ କଂଗ୍ରେସ ଖଣ୍ଡବିଖଣ୍ଡିତ ହୋଇ ସାରିଛି ଏଥିରେ ଆଉ ଦ୍ୱିମତ ନାହିଁ । ଏହି ବିଦ୍ରୋହ ମଧ୍ୟରେ ଆଜି ମମତା ଏକ ବଡ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଦଳ ବିରୋଧୀ କାର୍ଯ୍ୟ ପାଇଁ ମମତା ଏକାକାଳୀନ ୮ ଜଣ ନେତାଙ୍କୁ ଦଳରୁ ବହିଷ୍କୃତ କରିଛନ୍ତି । ମମତା ବାନାର୍ଜୀ ଫିରହାଦ ହାକିମ, ଅରୂପ ବିଶ୍ୱାସ ଏବଂ ଅନ୍ୟ ଛଅ ଜଣ ନେତାଙ୍କୁ ତୃଣମୂଳ କଂଗ୍ରେସରୁ ବହିଷ୍କାର କରିଛନ୍ତି। ଅନ୍ୟ ନେତାଙ୍କ ମଧ୍ୟରେ ଅଛନ୍ତି ଜାଭେଦ ଅହମ୍ମଦ ଖାନ, ଅରୂପ ରାୟ, ରଥୀନ ଘୋଷ, ବିପ୍ଳବ ମିତ୍ର, ସବିନା ୟାସମିନ୍, ଅରୂପ ବିଶ୍ୱାସ ଏବଂ ସ୍ନେହାଶିଷ ଚକ୍ରବର୍ତ୍ତୀ ଅଛନ୍ତି।ପ୍ରଥମେ ବିଦ୍ରୋହୀ ନେତାମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଉଥିଲା ଏବଂ ଏହାର କିଛି ଘଣ୍ଟା ପରେ ସେମାନଙ୍କୁ ଦଳରୁ ବହିଷ୍କାର କରାଯାଇଛି । ବହିଷ୍କୃତ ନେତାମାନେ ଗତକାଲି ମମତା ବାନାର୍ଜୀଙ୍କୁ ଦଳର ଅଧ୍ୟକ୍ଷ ପଦରୁ ହଟାଇବାକୁ ଯୋଜନା କରିଥିଲେ । ଋିତବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ଗଠିତ ବିଦ୍ରୋହୀ ଗୋଷ୍ଠୀ ଟିଏମସି ପାଇଁ ଏକ ନୂତନ ନେତୃତ୍ୱ ଗଠନ ଘୋଷଣା କରିଥିଲେ। ସେମାନେ ମମତା ବାନାର୍ଜୀଙ୍କ ସ୍ଥାନରେ ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ଦଳର ଅଧ୍ୟକ୍ଷ ଭାବରେ ନିଯୁକ୍ତ କରିଥିଲେ । ବିଦ୍ରୋହୀ ଗୋଷ୍ଠୀ ଏକ ୩୦ ସଦସ୍ୟ ବିଶିଷ୍ଟ ଜାତୀୟ କାର୍ଯ୍ୟ କମିଟି ମଧ୍ୟ ଘୋଷଣା କରିଥିଲେ । ଋିତବ୍ରତ ବାନାର୍ଜୀ ଘୋଷଣା କରିଥିଲେ ଯେ ଅରୂପ ରାୟଙ୍କୁ ସର୍ବସମ୍ମତିକ୍ରମେ ତୃଣମୂଳ କଂଗ୍ରେସର ନୂତନ ଅଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଛି। ପୂର୍ବତନ ମନ୍ତ୍ରୀ ଅରୂପ ବିଶ୍ୱାସ ଏବଂ ବିଧାୟକ ଫିରହାଦ ହାକିମଙ୍କୁ ଉପାଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଥିଲା।



# ପିପିଲି ରଥଯାତ୍ରା ସମନ୍ୱୟ କାର୍ଯ୍ୟକାରିଣୀ ବୈଠକ

ପିପିଲି, **୨୩।୬:(ମନ୍ଥନ)**ପୁରୀ ଜିଲ୍ଲା ପିପିଲିରେ ଆସନ୍ତା ଦିନରେ ମହା ସମାରୋହରେ ପାଳିତ ହେବ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ପବିତ୍ର ରଥଯାତ୍ରା। ଏହି ଅବସରରେ ରଥଯାତ୍ରାର ସୁପରିଚାଳନା ଓ ସମନ୍ୱୟ ପାଇଁ ପତିତପାବନ ରଥଯାତ୍ରା ପରିଚାଳନା କମିଟି ପକ୍ଷରୁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପିପିଲି ଦର୍ଜିସାହି ସ୍ଥିତ ଶ୍ରୀଶ୍ରୀ ପତିତପାବନ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ଜନପ୍ରତିନିଧି, ସାମାଜିକ ସଂଗଠନର ସଦସ୍ୟ ଓ ବହୁ ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ । ପତିତପାବନ ରଥଯାତ୍ରା ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ୱାଟକୋ କାର୍ଯ୍ୟନିର୍ବାହୀ ଅଧିକାରୀ



ଲୋକନାଥ ବଳିଆର ସିଂହ, ବିଦ୍ୟୁତ ବିଭାଗର ଏସଡିଓ ମାନସ ରଞ୍ଜନ ମହାନ୍ତି, ଦମକଳ ବିଭାଗର ଅଧିକାରୀଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ରଥଯାତ୍ରାକୁ କିପରି ଶୃଙ୍ଖଳିତ ଭାବେ ମହାଆଡମ୍ବରରେ ପାଳନ କରାଯିବ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଦେବସ୍ନାନ ପୂର୍ଣ୍ଣିମା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ହେବାକୁ ଥିବା ସମସ୍ତ ନୀତିକାନ୍ତି, ପ୍ରଶାସନିକ ବ୍ୟବସ୍ଥା, ପରିମଳ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ, ଅଗ୍ନିଶମ ସେବା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ସଭାକାର୍ଯ୍ୟକୁ ସମ୍ପାଦକ ପ୍ରଭାତ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଉପସଭାପତି ପ୍ରହଲ୍ଲାଦ ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାପାତ୍ର, ଯୁଗ୍ମ ସମ୍ପାଦକ ମନୋଜ ପ୍ରଧାନ ଓ କମିଟିର ସଦସ୍ୟ ଗୋପାଳ ମହାପାତ୍ର, ପ୍ରଦିପ ମହାପାତ୍ର ଙ୍କ ସହ ଅନ୍ୟ ସଦସ୍ୟମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶେଷରେ ସହ-ସମ୍ପାଦକ ରମେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପିପିଲିର ଏହି ପ୍ରସିଦ୍ଧ ପତିତପାବନ ରଥଯାତ୍ରାକୁ ନେଇ ଏବେ ଠାରୁ ଭକ୍ତ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ସମସ୍ତଙ୍କ ସହଯୋଗରେ ଚଳିତ ବର୍ଷର ରଥଯାତ୍ରା ସଫଳ ଓ ସ୍ମରଣୀୟ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ ପ୍ରକାଶ କରିଥିଲେ ।

# ବିଧାୟକ ଓ ମେୟରଙ୍କ ଆମ ଗଞ୍ଜାମ - ସ୍ୱଚ୍ଛ ଗଞ୍ଜାମ, ମିଶନ ଜିରୋ ପ୍ଲାଷ୍ଟିକ ଅଭିଯାନ

ବ୍ରହ୍ମପୁର,**୨୩।୬:(ମନ୍ଥନ)** ମହାନଗର ନିଗମ ଅନ୍ତର୍ଗତ ୩୩ ନଂ ୱାର୍ଡର କମାପଲ୍ଲୀ ମାର୍କେଟ ଠାରେ ଆଜି ଏକ ବ୍ୟାପକ ଭାବେ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନ ସମୟରେ ଅନୁଷ୍ଠିତ ଏହି ଅଭିଯାନ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ କେ ଅନିଲ କୁମାର, ମାନ୍ୟବର ମେୟର ଶ୍ରୀମତୀ ସଂଘମିତ୍ରା ଦଳାଇ, ମାନ୍ୟବର ସାଂସଦଙ୍କ ପ୍ରତିନିଧି, ନିଗମ କମିଶନର ଏ ସସ୍ୟା ରେଡ୍ଡୀ, ଉପ କମିଶନର ସାନିଟେସନ୍ ଆଶୀର୍ବାଦ ପରିଡ଼ାଙ୍କ ସମସ୍ତ ଅନ୍ୟ ଅଧିକାରୀ ମାନେ ଜନ ସାଧାରଣଙ୍କୁ ଏକକ ବ୍ୟବହାର ଯୋଗ୍ୟ ପଲିଥିନ ବ୍ୟବହାର ନକରି କପଡ଼ା କିମ୍ବା ପୁନଃ ବ୍ୟବହାର ଯୋଗ୍ୟ ବ୍ୟାଗ ବ୍ୟବହାର କରିବାକୁ



ସଚେତନ କରାଇ ଥିଲେ । ସେହିପରି ଆସନ୍ତୁ, ସମସ୍ତେ ମିଳିମିଶି ଆମ ଗଞ୍ଜାମ, ସ୍ୱଚ୍ଛ ଗଞ୍ଜାମ ଅଭିଯାନକୁ ବ୍ୟାପକ କରିବା ଉଦ୍ଦେଶ୍ୟ ରଖି ମିଶନ ଜିରୋ ପ୍ଲାଷ୍ଟିକ ଭିଜିବିଲିଟି କୁ ସଫଳ କରି ଏକ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ ଗଞ୍ଜାମ ଗଢ଼ିବା ପାଇଁ ଅଞ୍ଚଳବାସୀ ମାନଙ୍କୁ ମାନ୍ୟବର ବିଧାୟକ ଏବଂ ମାନନୀୟ ମେୟର ଆହ୍ୱାନ କରିଥିଲେ । ଏହାସହ ସ୍ୱଚ୍ଛତା ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ପାଇଁ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ମଧ୍ୟ ପାଠ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏସଏଚଜି ସଦସ୍ୟା, ସାନିଟେସନ୍ ଇନ୍ସପେକ୍ଟର, ସାନିଟେସନ୍ ଏକ୍ସପର୍ଟ, କମ୍ୟୁନିଟି ଅର୍ଗାନାଇଜର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସାନିଟେସନ୍ କର୍ମଚାରୀ ଏବଂ ବହୁ ସଂଖ୍ୟକ ସାଧାରଣ ଜନ ସାଧାରଣ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

## ଝୁଲନ୍ତା ଅବସ୍ଥାରେ ଯୁବକ ର ମୃତଶରୀର ଉଦ୍ଧାର

ଢେଲାଙ୍ଗ,**୨୩।୬:(ମନ୍ଥନ)** ଢେଲାଙ୍ଗ ଥାନା ଅନ୍ତର୍ଗତ ମୁନିନ୍ଦା ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ଏକ ବରଗଛ ଡାଳରେ ଯୁବକ ଜଣକ ବେକରେ ରଶି ଲଗାଇ ଝୁଲୁଥିବା ବେଳେ ତା ମୃତ ଶରୀରକୁ ଢେଲାଙ୍ଗ ପୋଲିସ ଉଦ୍ଧାର କରିଛି । ମୃତକ ଜଣକ ହେଲେ ମୁନିନ୍ଦା ଗ୍ରାମର ଗର୍ନ୍ଧବ ସ୍ୱାଇଁ (୪୮) ବୋଲି ପୋଲିସ କୁ ପରିଚୟ ମିଳିଛି । ଏନେଇ ଢେଲାଙ୍ଗ ଥାନାରେ ୧୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତ ଶରୀରକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ପୋଲିସ ଠାରୁ ସୂଚନା ମିଳିଛି । ତେବେ ପାରିବାରିକ କଳହରୁ ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଢେଲାଙ୍ଗ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଉଛନ୍ତି ।

# ପାରିବାରିକ ହିଂସା: ବାପା,ମା ଙ୍କୁ ମାଡ ମାରି ୨ ଗିରଫ

କାକଟପୁର, **୨୩।୬:(ମନ୍ଥନ)** କାକଟପୁର ଥାନା ଅନ୍ତର୍ଗତ ପଥରପାକା ଗ୍ରାମରେ ଏକ ଅଭାବନୀୟ ପାରିବାରିକ ହିଂସା ଘଟଣା ସାମ୍ନାକୁ ଆସିଛି । ଜନ୍ମକଲା ମା' ଏବଂ ବାପାଙ୍କୁ ନିର୍ମମ ଭାବେ ମାଡ଼ ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ପୁଲିସ୍ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ପଥରପାକା ଗ୍ରାମର କାଞ୍ଚନ ବିଶ୍ୱାଳ (୬୦)ଙ୍କ ୩୬ ବର୍ଷୀୟ ପୁଅ ଗଣେଶ ବିଶ୍ୱାଳ ଗତ ରବିବାର ବିଳମ୍ବିତ ରାତି ପ୍ରାୟ ୧୦ଟା ସମୟରେ କୌଣସି କାରଣକୁ ନେଇ ନିଜ ମା'ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା । ଏତିକିରେ ମନ ନବୁଝିବାରୁ ସେ ମା'ଙ୍କୁ ଗୋଇଠା, ବିଧା ମାରିବା ସହ ତଳେ ଘୋଷାରି ସାଙ୍ଘାତିକ ଭାବେ ଆହତ କରିଥିଲା । ଏହା ଦେଖି ଯେତେବେଳେ କାଞ୍ଚନଙ୍କ ସ୍ୱାମୀ ନଟବର ବିଶ୍ୱାଳ ପୁଅକୁ ଅଟକାଇବାକୁ ଚେଷ୍ଟା କରିଥିଲେ, ଉତ୍ୟକ୍ତ ପୁଅ ଏକ ବାଉଁଶ ବାଡ଼ିରେ ବାପାଙ୍କୁ ମଧ ନିର୍ଦ୍ଧୁମ ମାଡ଼ ମାରିଥିଲା । ମାଡ଼ ମାରିବା ପରେ ମଧ ଗଣେଶର ରାଗ ଶାନ୍ତ ହୋଇନଥିଲା । ସେ ଘରର ଆସବାବପତ୍ର ଭଙ୍ଗାରୁଜା କରିବା ସହ ଏକ ଧାରୁଆ। ଛୁରୀ ଧରି ମା', ବାପାଙ୍କ



ସମେତ ପରିବାରର ସମସ୍ତ ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା । ଏହି ସମ୍ପର୍କରେ ସୋମବାର (୨୨ ଜୁନ୍) ପୂର୍ବାହ୍ନ ୧୧ଟାରେ ପୀଡ଼ିତା ମା' କାଞ୍ଚନ ବିଶ୍ୱାଳ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କାକଟପୁର ପୁଲିସ୍ କେସ୍ ନଂ-୨୨୮/୨୦୨୬, ଭାରତୀୟ ନ୍ୟାୟ ସଂହିତା (ଇଘଝ) ର ଧାରା ୨୯୬, ୧୧୫(୨), ୧୩୩, ୩୫୧(୨) ଏବଂ ୩ Gate(୨) ଅନୁଯାୟୀ ମାମଲା ରୁଜୁ କରିଥିଲା । ମାମଲାର ଗୁରୁତ୍ୱକୁ ଦେଖି କାକଟପୁର ପୁଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତ ପୁଅ ଗଣେଶ ବିଶ୍ୱାଳଙ୍କୁ ଗିରଫ କରିଥିଲା। । ଅନୁରୂପ ଭାବରେ ମଦ୍ୟପାନ କରି ଘରେ ଗଣ୍ଡଗୋଳ କରିବା ସହ ବାପା-ମାଆ। ଓ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ କାକଟପୁର ପୋଲିସ,ମୁତୁଣିଆ। ଗ୍ରାମର ମିଥୁନ ମଲ୍ଲିକ ଓରଫ ଖଟୁଆ। (୩୦)କୁ କୋର୍ଟ ଚାଲାଣ କରିଛି । ଅଭିଯୋଗ ଅନୁଯାୟୀ, ଗତ ରବିବାର ବିଳମ୍ବିତ ରାତିରେ ମିଥୁନ ଅତ୍ୟଧିକ ମଦ୍ୟପାନ କରି ଉନ୍ମତ୍ତ ଅବସ୍ଥାରେ ଘରକୁ ଫେରିଥିଲେ । ଏହାପରେ ସେ ବିନା କାରଣରେ ପରିବାର ଲୋକଙ୍କୁ ଗାଳିଗୁଲଜ କରିବା ସହ ହାତରେ ଏକ ମାରାତ୍ମକ ଅସ୍ତ୍ର ଧରି ବାପା ରଞ୍ଜନ ମଲ୍ଲିକ (୫୯), ମାଆ। ଓ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ସେ ନିଜ ବାପା ଓ ମାଆଙ୍କୁ ନିର୍ଦ୍ଧୁମ ମାଡ଼ ମଧ ମାରିଥିଲେ ।ଏ ନେଇ ସୋମବାର ସକାଳେ ବାପା ରଞ୍ଜନ ମଲ୍ଲିକ କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ କେସ୍ ନଂ ୨୨୯/୨୦୨୬, ଧାରା 12<2=, 296, 351<2= 115<2= BNS ବଳରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଗତକାଲି (ସୋମବାର) ଅପରାହ୍ନରେ ପୋଲିସ ଅଭିଯୁକ୍ତ ମିଥୁନକୁ ଗିରଫ କରିବା ସହିତ ଉପରୋକ୍ତ ୨ ଅଭିଯୁକ୍ତ ଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୁଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ନଗରୀ ପଞ୍ଚାୟତରେ ବିକାଶ ଓ ଜନସେବାର ମହାସମାବେଶ

ଫୁଲନଖରା,**୨୩।୬:(ମନ୍ଥନ)**ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳ ଶାସନ ଓ ବିକାଶମୂଳକ କାର୍ଯ୍ୟଧାରାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ସାରା ଓଡ଼ିଶାରେ ବିକାଶର ଧାରା, ସମୃଦ୍ଧ ଓଡ଼ିଶାର ଗାଥା କାର୍ଯ୍ୟକ୍ରମ ପାଳିତ ହେଉଛି । ଜିଲ୍ଲା ଠାରୁ ଆରମ୍ଭ କରି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ଆୟୋଜିତ ଏହି ଜନସମ୍ପର୍କ ଓ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସଫଳତାକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନ ଅନ୍ତର୍ଗତ ନଗରୀ ଗ୍ରାମ ପଞ୍ଚାୟତରେ ଏକ ବିଶାଳ ସମାବେଶ ଓ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି ।ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଓ ମିଶନ ଶକ୍ତିର ସଦସ୍ୟାମାନେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସରପଞ୍ଚ ନରୋତ୍ତମ ଦାସ, ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ, ଡାଃ ଅନଙ୍ଗ କୁମାର ପତି ଓ ଡାଃ ହରପ୍ରିୟା ବାରିକ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷର ସଫଳତା ଓ ବିକାଶମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ବିଶେଷକରି ଗ୍ରାମାଞ୍ଚଳରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ସାମାଜିକ ସୁରକ୍ଷା ଓ ଜୀବିକା ବିକାଶ କ୍ଷେତ୍ରରେ ସରକାରଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା। ନଗରୀ ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘର ସଭାନେତ୍ରୀ ଶ୍ରୀମତୀ କାଦମ୍ବିନୀ ଦାଶ ଓ ସମ୍ପାଦିକା ସଂଯୁକ୍ତା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମିଶନ ଶକ୍ତି ଓ ଅନ୍ୟାନ୍ୟ ସରକାରୀ ଯୋଜନା ମାଧ୍ୟମରେ ଆଜି ମହିଳାମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିଛନ୍ତି ।

# ରାୟଗଡ଼ ଅଡିଟୋରିୟମ୍ ପରିସରରେ ଜିଲ୍ଲା ସ୍ତରୀୟ ଜନ କଲ୍ୟାଣ ମେଳା ଆୟୋଜିତ

ରାୟଗଡ,**୨୩।୬:(ମନ୍ଥନ)** ରାୟଗଡ଼ ପୌରପରିଷଦ ପକ୍ଷରୁ ରାୟଗଡ଼ ଅଡିଟୋରିୟମ୍ ପରିସରରେ ଜିଲ୍ଲା ସ୍ତରୀୟ ଜନ କଲ୍ୟାଣ ମେଳା ସଫଳତାର ସହ ଆୟୋଜିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡ ମୁଖ୍ୟ ଏଟିଆଇଟିଏଚଆଇ ଭାବେ ଯୋଗଦାନ କରିଥିଲେ ତାଙ୍କ ସହିତ ପୌରପରିଷଦର ଅଧକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ, ପୌରପରିଷଦର ସମସ୍ତ କାଉନ୍ସିଲର, ଜିଲ୍ଲା ମିଶନ ମ୍ୟାନେଜର, ଟିମ୍ ଲିଡର୍-ଡୁଡା, ଏଲ.ଡି.ଏମ, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନଙ୍କ ସକ୍ରିୟ ସହଯୋଗ ଓ ଅବଦାନ ଯୋଗୁଁ କାର୍ଯ୍ୟକ୍ରମଟି ସଫଳ ଭାବେ ସମ୍ପନ୍ନ ହୋଇଥିଲା । ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସମଗ୍ର କାର୍ଯ୍ୟକ୍ରମକୁ



ସଂଯୋଜନା ଓ ପରିଚାଳନା କରିଥିଲେ । ଏହି ଜନ କଲ୍ୟାଣ ମେଳାରେ ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଏବଂ କଲ୍ୟାଣମୂଳକ ଯୋଜନା ସହିତ ସଂଯୋଗ କରାଯାଇଥିଲା। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ସୁରକ୍ଷା ବୀମା ଯୋଜନା, ନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଜନନୀ ସୁରକ୍ଷା ଯୋଜନା, ମାତୃବନ୍ଦନା ଯୋଜନା ଆଦି ସମେତ ୮ଟି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ସଂଯୋଗ କରାଯାଇଥିଲା । କାର୍ଯ୍ୟକ୍ରମରେ ମୋଟ ୧୨୩ ଜଣ ନୂତନ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ଚିହ୍ନଟ କରାଯାଇ ଥିଲା । ନୂତନ ଭାବେ ମଞ୍ଜୁର ହୋଇଥିବା ଋଣ ରାଶିକୁ ଦୁଇଜଣ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱ ହସ୍ତରେ ଚେକ ପ୍ରଦାନ କରି ସମ୍ମାନିତ କରିଥିଲେ । ସେହିପରି ୧୦ ଜଣ ନୂତନ ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କ ଦକ୍ଷତା ବୃଦ୍ଧି ଓ ନିରାପଦ ଖାଦ୍ୟ ବିକ୍ରୟକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତା ସମ୍ପର୍କିତ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ ମଧ୍ୟ ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣକାରୀ ବ୍ୟବସାୟୀମାନଙ୍କୁ ସ୍ୱଚ୍ଛ ଓ ନିରାପଦ ଖାଦ୍ୟ ପ୍ରସ୍ତୁତି, ସଂରକ୍ଷଣ ଓ ବିକ୍ରୟ ସମ୍ପର୍କରେ ସଚେତନ କରାଯାଇଥିଲା ।ଏହିଜନ କଲ୍ୟାଣ ମେଳା ମାଧ୍ୟମରେ ରାସ୍ତା ପାର୍ଶ୍ୱ ବ୍ୟବସାୟୀମାନଙ୍କୁସରକାରଙ୍କ ବିଭିନ୍ନକଲ୍ୟାଣମୂଳକ ଯୋଜନାର ସୁବିଧା ସହିତ ସଂଯୋଗ କରାଯାଇ ସେମାନଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ରାୟଗଡ଼ ପୌରପରିଷଦ ତରଫରୁ ଏକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଇଏମଆରଏସ ପରିସରରେ ଚାଲିଥିବା କ୍ରୀଡ଼ା ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କଲେ ଜିଲ୍ଲାପାଳ

ମାଲକାନଗିରି, **୨୩।୬:(ମନ୍ଥନ)** ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଯୁବପିଢ଼ି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଯୋଗାଇଦେବା ପାଇଁ ଭିତ୍ତିଭୂମିର ବିକାଶ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍ ମିଳିତ ଭାବେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଛନ୍ତି । ସେଠାରେ ନିର୍ମାଣାଧୀନ କ୍ରୀଡ଼ା ପ୍ରକଳ୍ପର କାର୍ଯ୍ୟ କେତେଦୂର ଆଗେଇଛି, ସେ ସମ୍ପର୍କରେ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟକୁ ଉଚ୍ଚ ଗୁଣବତ୍ତା ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେମାନେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖେଳାଳିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କ୍ରୀଡ଼ା ପରିସରରେ ସମସ୍ତ ପ୍ରାଥମିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ଅଭ୍ୟାସ ପାଇଁ ସମଗ୍ର ପରିସରରେ ଆଧୁନିକ ଲାଇଟିଂ ଏବଂ ହାଇ-ମାଷ୍ଟ ଲାଇଟ୍ର ସଂଯୋଗ କରାଯାଉଛି । ଏହା ସହିତ ଖେଳପଡ଼ିଆର ଚାରିପାଖ ପରିବେଶକୁ ସ୍ୱଚ୍ଛ ଓ ଆକର୍ଷଣୀୟ ରଖିବା ପାଇଁ ବ୍ୟାପକ ଶୋଭାବର୍ଦ୍ଧନକାରୀ ବୃକ୍ଷରୋପଣ କରାଯାଉଛି । ଏଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟ୍ରାକ୍, ଆଉଟଡୋର ଗ୍ରାଉଣ୍ଡ ଏବଂ ଇନଡୋର ଗେମ୍ସ ପାଇଁ ଆବଶ୍ୟକୀୟ ବୁନିଆଦି କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ମାଲକାନଗିରିର ଗ୍ରାମାଞ୍ଚଳ ଓ ଜନଜାତି ପିଲାଙ୍କ ମଧ୍ୟରେ ସ୍ୱାଭାବିକ କ୍ରୀଡ଼ା ଦକ୍ଷତା ରହିଥିବାରୁ ଏହି ପରିସର ସେମାନଙ୍କୁ ନିୟମିତ ଅଭ୍ୟାସ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ବୁନିଆଦି ସୁବିଧା ଯୋଗାଇଦେବ । ଏକ ବ୍ୟବସ୍ଥିତ ଗ୍ରାଉଣ୍ଡ ଉପଲବ୍ଧ ହେବା ଦ୍ୱାରା ସ୍ଥାନୀୟ କୋଚ୍ ଏବଂ କ୍ରୀଡ଼ା ଶିକ୍ଷକମାନେ ପିଲାମାନଙ୍କୁ ସଠିକ୍ କୌଶଳ ଶିଖାଇବାରେ ସହଜ ହେବୟ ଉପଯୁକ୍ତ ପରିବେଶ ମିଳିବା ଦ୍ୱାରା ଏଠାରେ ଥିବା ଖେଳାଳିମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ। ନିରୀକ୍ଷଣ ସମୟରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି ଯେ, ମାଲକାନଗିରିର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ବେଶ୍ ଉତ୍ସାହ ରହିଛି । ଇଏମଆରଏସ ପରିସରରେ ନିର୍ମାଣ ହେଉଥିବା ଏହି କ୍ରୀଡ଼ା ପ୍ରକଳ୍ପ ଆମ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଅଭ୍ୟାସ କରିବା ପାଇଁ ଏକ ସଠିକ୍ ମଞ୍ଚ ପ୍ରଦାନ କରିବ । କାର୍ଯ୍ୟର ଗୁଣବତ୍ତା ସହିତ କୌଣସି ବୁଝାମଣା କରାଯିବ ନାହିଁ ଏବଂ ଏହାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ।

# ଶାଗୁଆନ ପ୍ଲାଣ୍ଟେସନ ହାତୀ ବଂଶ ପାଇଁ ବିପଦର ପ୍ରମୁଖ କାରଣ

ଅନୁଗୋଳ,**୨୩।୬:(ମନ୍ଥନ)**ସମ୍ପ୍ରତି ହାତୀ - ମଣିଷ ସଂଘର୍ଷ ଉଗ୍ରରୂପ ଧାରଣ କରୁଅଛି । ପ୍ରତିଦିନ ହାତୀ ମୃତ ଅଥବା ହାତୀ ଆକ୍ରମଣ ଜନିତ ମଣିଷର ଜୀବନ ହାନୀ ଏକ ସାଧାରଣ ଘଟଣା ହୋଇଛି । ଅପରପକ୍ଷରେ ଅନ୍ୟ ବନ୍ୟଜନ୍ତୁ ମାନଙ୍କ ମଧ୍ୟରେ ବାରହା, ମାଙ୍କଡ଼, ଭାଲୁ, ହରିଣ, ସମ୍ବର, ଗୟଳ ଗାଁ ମୁହାଁ ହୋଇ ବ୍ୟାପକ ଫସଲ ନଷ୍ଟ କରୁଥିବା ଚାଷୀ ମାନଙ୍କର ଚିନ୍ତାର କାରଣ ହୋଇଛି । ସରକାରୀ ସ୍ତରରେ ବନ ବିଭାଗର ସମସ୍ତ ଯୋଜନା ଫେଲ୍ ମାରିଥିବା ନେଇ ପ୍ରକୃତି ପ୍ରେମୀ ଏବଂ ଚାଷୀ ବର୍ଗ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରଘଟ ହୋଇଛି । ଦୀର୍ଘ ମିଆଦି ସୂତ୍ରରେ ବନ ବିଭାଗ କାର୍ଯ୍ୟ କରିବା ନେଇ ବିଶିଷ୍ଟ ପରିବେଶବିତ ଓ ବିଶେଷଜ୍ଞ ମାନଙ୍କର ପରାମର୍ଶ ଗ୍ରହଣ କରୁ ନଥିବା କ୍ଷୋଭ ପ୍ରକାଶ ପାଉଛି । ଦୀର୍ଘ ଦିନର ଅଭିଜ୍ଞତା, ବିଜ୍ଞାନ ସମ୍ମତ ଓ ବୈଷୟିକ ପଦ୍ଧତିର ଜ୍ଞାନ କୌଶଳକୁ ଆଦୌ ବନ ବିଭାଗ ଗ୍ରହଣ କରୁ ନଥିବା ଦୃଢ଼ ଅଭିଯୋଗ ହେଉଛି ।କୋଟି କୋଟି ଟଙ୍କାର ଅନୁଦାନ ଅର୍ଥକୁ ବନ ବିଭାଗ ନିଜର ମାନମାନିରେ ଖର୍ଚ୍ଚ କରୁଥିବା କାରଣରୁ ଅସଲ ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ଜଙ୍ଗଲର ସୁରକ୍ଷା ଏବଂ ଅଭିବୃଦ୍ଧି ନେଇ ବନ ବିଭାଗ ପ୍ରତିବର୍ଷ କୋଟି କୋଟି ଟଙ୍କା କେବଳ ପ୍ଲାଣ୍ଟେସନ କାର୍ଯ୍ୟରେ ବିନିଯୋଗ କରୁଅଛି । ଦେଶ ସ୍ୱାଧୀନତା ପୂର୍ବରୁ ବ୍ରିଟିଶର ମାନେ ରାଜ୍ୟରେ ବିଭିନ୍ନ ପ୍ରାକୃତିକ ଜଙ୍ଗଲକୁ ସଫା କରି ଶାଗୁଆନ ପ୍ଲାଣ୍ଟେସନ କାର୍ଯ୍ୟ ଆରମ୍ଭ



କରିଥିଲେ, ସେତେବେଳେ ଶାଗୁଆନ ଚାରା ନର୍ସରୀ କରିବା ଏବଂ ଗ୍ରୀଷ୍ମ ଋତୁରେ ଚାରା ରୋପଣ ପାଇଁ ଗାତ ଖୋଳାଯିବା ଏକ ପ୍ରଧାନ କାର୍ଯ୍ୟ ବନ ବିଭାଗର ଥିଲା । ବ୍ରିଟିଶର ମାନେ ସେତେବେଳେ ଶାଗୁଆନ ଚାରା ରୋପଣ କରିବାର ଏକ ବ୍ୟବସାୟିକ ଲକ୍ଷ୍ୟ ଥିଲା । ମାତ୍ର ଦେଶ ସ୍ୱାଧୀନତା ପରେ ବନ ବିଭାଗ ପ୍ରତି ବନଖଣ୍ଡରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଶାଗୁଆନ ଚାରା ରୋପଣ କରିବାର କେଉଁ ଉଦ୍ଦେଶ୍ୟ ଥିଲା ତାହା ଜନ ସାଧାରଣଙ୍କ ମଧ୍ୟରେ ବିସ୍ମୟ ସୃଷ୍ଟି କରିଅଛି । ଶାଗୁଆନ ଏକ ବୃକ୍ଷ ଯାହାକି ତାର ମୂଳରେ ଅନ୍ୟ କୌଣସି ଘାସ ଲତା ଓ ଅନ୍ୟାନ୍ୟ ଉଦ୍ଭିଦ ତିଷ୍ଠି ପାରେ ନାହିଁ । ଏପରିକି ଶାଗୁଆନ ଗଛର ଡାଳ ପତ୍ରରେ ଚଢ଼େଇ ଓ ମୂଷା ପ୍ରଭୃତି ଜୀବ ବସାଘର କରେ ନାହିଁ ।ଜୈବ ବିବିଧତାର ପରସ୍ପର ମଧ୍ୟରେ ଥିବା ସଂଯୋଗ ଓ ନିର୍ଭରଶୀଳତାରେ ଶାଗୁଆନ ଗଛର ଭୂମିକା ନଗଣ୍ୟ ଅଟେ । ବାସ୍ତବ କ୍ଷେତ୍ରରେ ଶାଗୁଆନ ପ୍ଲାଣ୍ଟେସନ ଏରିଆରେ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କର ବସତି ସ୍ଥାପନ ଓ ଜୀବନ ଧାରଣର ସେତେଟା ଅନୁକୂଳ ପରିବେଶ ନୁହେଁ । ଲକ୍ଷ ଲକ୍ଷ ହେକ୍ଟର ଶାଗୁଆନ ପ୍ଲାଣ୍ଟେସନ ଏରିଆରେ ହାତୀ ସମେତ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଖାଦ୍ୟ ନାହିଁ ଓ ଏହା ବନ୍ୟଜନ୍ତୁଙ୍କର ଉପଯୋଗୀ ବାସସ୍ଥାନ ନୁହେଁ । ଅନୁଗୋଳ ଜିଲ୍ଲାରେ ସାତକୋଶିଆ। ଅଭୟାରଣ୍ୟ ସମେତ ଅନ୍ୟାନ୍ୟ ସଂରକ୍ଷିତ ଜଙ୍ଗଲରେ ହଜାର ହଜାର ହେକ୍ଟର ଶାଗୁଆନ ପ୍ଲାଣ୍ଟେସନ ପ୍ରତିବର୍ଷ କରା ଯାଇଅଛି । ବନ ବିଭାଗ ପକ୍ଷରୁ ସୃଷ୍ଟି କରାଯାଇଥିବା ଏହି ସବୁ ପ୍ଲାଣ୍ଟେସନ ବନ ବିଭାଗର ଅଧୀନରେ ଥିବା ଜଙ୍ଗଲରୁ ଅଧାରୁ ଅଧିକ ଶାଗୁଆନ ବଣ ହୋଇ ଯାଇଅଛି । ଯାହାଦ୍ୱାରା ହାତୀ ସମେତ ଅନ୍ୟ ବନ୍ୟଜନ୍ତୁ ଆଜି ବିପଦରେ ରହିଛନ୍ତି । ସରକାରୀ ଭାବେ ଜଙ୍ଗଲ ଅଭିବୃଦ୍ଧି ହେଉଥିବା ବନ ବିଭାଗ ପକ୍ଷରୁ ଯେତେ ସଫେଇ ଦେଲେ ମଧ୍ୟ ଜଙ୍ଗଲରେ ବନ୍ୟଜନ୍ତୁ ନ ରହି କାହିଁକି ଗାଁ ଓ ସହର ମୁହାଁ ହେଉଛନ୍ତି ତାହାର ଅସଲ ବିଷୟ ଲୋକ ଲୋଚନକୁ ଅଣା ଯାଉ ନାହିଁ । ଗାଁ ପାଖରେ ଗ୍ରାମବାସୀ ନିଜର ଜୀବନଜୀବିକା ପାଇଁ ଆମ୍ବ, ପିଜୁଳି, ପଣସ, କଦଳୀ ଚାଷ ବଢ଼ାଇ ପାରିଥିଲା ବେଳେ ସଂରକ୍ଷିତ ଜଙ୍ଗଲରେ ବନ୍ୟଜନ୍ତୁଙ୍କର ଆଦୌ ଖାଦ୍ୟ ନାହିଁ । ସଂରକ୍ଷିତ ଜଙ୍ଗଲରେ ଶାଗୁଆନ ପ୍ଲାଣ୍ଟେସନ ସହିତ ଆକାଶିଆ, ଚକୁଣ୍ଡା, ବାମୁର ଭଳି ଗଛ ଲଗାଇ ବନ ବିଭାଗ ବନ୍ୟଜନ୍ତୁଙ୍କ ପାଇଁ କଣ ପଦକ୍ଷେପ ନେଇଛି ସାଧାରଣ ଜନତା ବନ ବିଭାଗକୁ ପ୍ରଶ୍ନ କରିଛନ୍ତି । ସଂରକ୍ଷିତ ଜଙ୍ଗଲରେ ଝରଣୀ, ଆମ୍ବ, ଜଙ୍ଗଲୀ ବେଲ, କଇଥ, ବଣ କଦଳୀ, ଜଙ୍ଗଲୀ ପଣସ ଏବଂ ଶାଳୀୟ ବାଉଁଶ ନାହିଁ । ପ୍ରାକୃତିକ ଜଙ୍ଗଲରେ ବନ ବିଭାଗ ଦ୍ୱାରା ସୃଷ୍ଟି କରା ଯାଇଥିବା ଅସାମାଜିକ ଉଦ୍ଭିଦ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଜଙ୍ଗଲର ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟର ଅଭାବ ରହିଅଛି । ଅନ୍ୟ ପକ୍ଷରେ ଜଙ୍ଗଲରେ କେନ୍ଦୁ, ଜାମୁ, ମାଙ୍କଡ଼ କେନ୍ଦା, ମହୁଲ, ଚାର, କଣ୍ଟେଇକୋଳି, ବଅଁର କୋଳି ପ୍ରଭୃତି ଗଛ ନ ଥିବାରୁ ତୃଣଭୋଜୀ ପ୍ରାଣୀଙ୍କର ଖାଦ୍ୟ ଅଭାବ ଦେଖା ଦେଇଛି । ଶାଗୁଆନ ପ୍ଲାଣ୍ଟେସନ ପାଇଁ ହାତୀ ସମେତ ବନ୍ୟଜନ୍ତୁ ବିପଦରେ ରହିଥିବା ଏକ ପ୍ରମୁଖ କାରଣ ବୋଲି ଜଙ୍ଗଲ ପ୍ରେମୀ ସୁଶୀଳ କୁମାର ପ୍ରଧାନ ବିଭିନ୍ନ ସମୟରେ ଅବଗତ କରିଛନ୍ତି । ସରକାରୀ ସ୍ତରରେ ବନ ବିଭାଗ ସଂରକ୍ଷିତ ଜଙ୍ଗଲରେ ହାତୀ ଓ ବନ୍ୟଜନ୍ତୁଙ୍କ ପାଇଁ ଫଳମୂଳ ଏବଂ ଦେଶୀୟ ଗଛ ଲଗାଇବା ସହିତ ଶାଳୀ । ବାଉଁଶ ବଣ ସୃଷ୍ଟି କରାଯିବାକୁ ଶ୍ରୀ ପ୍ରଧାନ ବନ ବିଭାଗକୁ ନିବେଦନ କରିଛନ୍ତି ।

# ରାୟଗଡାର ବରିଷ୍ଠ ସାମ୍ବାଦିକ ଜିଭିଆର ପଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି

ରାୟଗଡା,**୨୩।୬:(ମନ୍ଥନ)** ରାୟଗଡା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଭାସ୍କରର ଦୀର୍ଘଦିନର ପ୍ରତିନିଧି ଜି.ଭି.ଆର. ପଟନାୟକଙ୍କ ଅକାଳ ବିୟୋଗରେ ସମଗ୍ର ଜିଲ୍ଲାର ସାମ୍ବାଦିକ ମହଲରେ ଗଭୀର ଶୋକର ଛାୟା ଖେଳିଯାଇଛି । ଗତ ୨୦ ଜୁନ୍ ୨୦୨୬ ତାରିଖରେ ତାଙ୍କର ପରଲୋକ ଘଟିଥିଲା । ସ୍ୱର୍ଗତ ପଟନାୟକ ଦୀର୍ଘ ୨୫ ବର୍ଷରୁ ଅଧିକ ସମୟ ଧରି ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଥିଲେ । ଦୈନିକ ଭାସ୍କର ସହ ଜଡିତ ରହି ସେ ନିଷ୍ଠା, ସତ୍ୟନିଷ୍ଠା ଓ ନିର୍ଭୀକତାର ସହିତ ଜନସାଧାରଣଙ୍କ ସମସ୍ୟାକୁ ଖବର ମାଧ୍ୟମରେ ପ୍ରଶାସନ ଏବଂ ସମାଜ ସମ୍ମୁଖରେ ଉପସ୍ଥାପନ କରୁଥିଲେ । ତାଙ୍କର ସରଳ ବ୍ୟବହାର, ସହୃଦୟତା ଏବଂ ଯୁବ ସାମ୍ବାଦିକମାନଙ୍କ ପ୍ରତି ସ୍ନେହ ଓ ମାର୍ଗଦର୍ଶନ ସଦା ସ୍ମରଣୀୟ ହୋଇ ରହିବୟତାଙ୍କ ଅମର ଆତ୍ମାର ସଦ୍ଗତି କାମନା କରି ମିଡିଆ। କେୟାର ପକ୍ଷରୁ ଆଜି ସ୍ଥାନୀୟ ସଂସ୍କୃତି ଭବନ, ରାୟଗଡାଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲାୟ ସଭାରେ ଉପସ୍ଥିତ ସାମ୍ବାଦିକ ଓ ଶୁଭେଚ୍ଛୁମାନେ ସ୍ୱର୍ଗତ ପଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ବାଦଲ ତା, ଗୋପ ରଞ୍ଜନ ବକ୍ସିପାତ୍ର, ରଶ୍ମି ରଞ୍ଜନ ଦୋରା, ରବୀନ୍ଦ୍ର ପାଠଖଣ୍ଡାଳ, ଯୋଗେଶ୍ୱର ଦାସ, ଶିବ ପ୍ରସାଦ ପାଢ଼ୀ, ଅଜୟ ରଥ, ଗଣେଶ ସାହୁ, ଦୟାନିଧି ଖାଡ଼ଙ୍ଗା, ରବି ବୈଦ୍ୟ, ମନୋଜ ସାହୁ, ରାୟଗଡା ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକରିଙ୍କ ସମେତ ବହୁ ସାମ୍ବାଦିକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ । ସଭାରେ ସ୍ୱର୍ଗତ ଜି.ଭି.ଆର. ପଟନାୟକଙ୍କ ସାମ୍ବାଦିକତା କ୍ଷେତ୍ରରେ ଅବଦାନ, ତାଙ୍କର ନିଷ୍ଠାପର କାର୍ଯ୍ୟଶୈଳୀ ଏବଂ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା । ତାଙ୍କ ବିୟୋଗ ରାୟଗଡାର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ବକ୍ତାମାନେ ମତ ପ୍ରକାଶ କରିଥିଲେ । ଶେଷରେ ସ୍ୱର୍ଗତ ପଟନାୟକଙ୍କ ଅମର ଆତ୍ମାର ଶାନ୍ତି କାମନା କରି ସମସ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ ।



# ଦାଢ଼ି ଛୋଟ ଥିବା ଅଭିଯୋଗରେ ୨୦ ଜଣ ମାନବୀୟ ସହାୟତା କର୍ମୀଙ୍କୁ ଅଟକ

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଆଫଗାନିସ୍ତାନରେ ଶାସନ ଗାଦି ସମ୍ଭାଳିବା ପରେ ନିଜର କଡ଼ା ଇସଲାମିକ୍ ନିୟମକୁ ନେଇ ଚର୍ଚ୍ଚାରେ ଥିବା ତାଲିବାନ ଶାସନ ପକ୍ଷରୁ ପୁଣି ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇରାନ ସୀମାନ୍ତରେ ଥିବା ଏକ ଶରଣାର୍ଥୀ ସ୍ୱାଗତ କେନ୍ଦ୍ରରୁ ପ୍ରାୟ ୨୦ ଜଣ ମାନବୀୟ ସହାୟତା କର୍ମୀଙ୍କୁ ତାଲିବାନର ନୈତିକତା ପୋଲିସ ବା 'ମୋରାଲିଟି ପୋଲିସ' କିଛି ସମୟ ପାଇଁ ଅଟକ ରଖିଥିବା ଖବର ସାମ୍ନାକୁ ଆସିଛି । ସେମାନଙ୍କର ଦାଢ଼ିର ଲମ୍ବ ତାଲିବାନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ନଥିବା ଦର୍ଶାଇ ପୋଲିସ ଏହି ପଦକ୍ଷେପ ନେଇଛି । ଅଟକ ହୋଇଥିବା କର୍ମଚାରୀମାନେ ମିଳିତ ଜାତିସଂଘର ସହଯୋଗୀ ସଂଗଠନଗୁଡ଼ିକରେ କାର୍ଯ୍ୟ କରନ୍ତି ଏବଂ ସେଠାରେ ମାନବୀୟ ସହାୟତା ପ୍ରଦାନ କାର୍ଯ୍ୟରେ ନିୟୋଜିତ ଥିଲେ । ସେହି ସମୟରେ ତାଲିବାନର 'ଧର୍ମ ପ୍ରଚାର ଏବଂ ପାପ ନିବାରଣ ମନ୍ତ୍ରଣାଳୟ'ର ଅଧିକାରୀମାନେ ସେଠାରେ ପହଞ୍ଚି ସେମାନଙ୍କ ଦାଢ଼ି ଅତି ଛୋଟ ଥିବା,



ଟ୍ରିମ୍ ହୋଇଥିବା କିମ୍ବା ସେଭ୍ ହୋଇଥିବା ଦର୍ଶାଇ ସେମାନଙ୍କୁ ଗିରଫ କରିଥିଲେ । ଅଟକ କର୍ମଚାରୀଙ୍କ ମଧ୍ୟରୁ କେତେକଙ୍କୁ ଶନିବାର ଏବଂ ବାକି ସମସ୍ତଙ୍କୁ ରବିବାର ମୁକ୍ତ କରାଯାଇଥିଲେ ହେଁ ତାଲିବାନ ପକ୍ଷରୁ ଏହା ଉପରେ କୌଣସି ଆନୁଷ୍ଠାନିକ ବୟାନ ଦିଆଯାଇ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୨୦୨୪ ରେ ଲାଗୁ ହୋଇଥିବା ତାଲିବାନର ୩୫-ଧାରା ବିଶିଷ୍ଟ ମୋରାଲିଟି ଆଇନ କେବଳ ମହିଳା ନୁହେଁ, ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ଅତ୍ୟନ୍ତ କଡ଼ା ନିୟମ ଧାର୍ଯ୍ୟ କରିଛି । ଏହି ନିୟମ ଅନୁଯାୟୀ, ଆଫଗାନିସ୍ତାନରେ ପୁରୁଷମାନଙ୍କ ପାଇଁ ଅତିକମ୍‌ରେ ଗୋଟିଏ ବନ୍ଦ ମୁଠା ଲମ୍ବର ଦାଢ଼ି ରଖିବା ବାଧ୍ୟତାମୂଳକ କରାଯାଇଛି । ଦାଢ଼ି କାଟିବା କିମ୍ବା ଟ୍ରିମ୍ କରିବା ସେଠାରେ ଏକ ଦଣ୍ଡନୀୟ ଅପରାଧ । ଏହା ସହିତ ପୁରୁଷମାନଙ୍କ ପାଇଁ ପାଶ୍ଚାତ୍ୟ ଶୈଳୀର ପୋଷାକ ଯେପରିକି ଜିନ୍ସ ଏବଂ ଆଣ୍ଠୁ ଉପରକୁ ଦେଖାଯାଉଥିବା ସର୍ଟସ ପିନ୍ଧିବା, ଆଖିପତାକୁ ଟ୍ରିମ୍ କରିବା ଏବଂ ପାଶ୍ଚାତ୍ୟ ହେୟାରଷ୍ଟାଇଲ୍ ରଖିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି । ସର୍ବୋଚ୍ଚ ନେତା ମୁଲ୍ଲା ହିବାତୁଲ୍ଲା ଆଖୁନ୍ଦଜାଦା ମଧ୍ୟ ପୁରୁଷମାନଙ୍କୁ ପାରମ୍ପରିକ ପଗଡ଼ି ଓ ଦାଢ଼ି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ ରେ କ୍ଷମତାକୁ ଫେରିବା ପରେ ତାଲିବାନ ପ୍ରଶାସନ ଦାଢ଼ି କାଟିବା ଅଭିଯୋଗରେ ଅନେକ ଯୁବକଙ୍କୁ ଗିରଫ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ଶହ ଶହ ସେଲୁନକୁ ସିଲ୍ କରିଦେଇଛି ।

## ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ବଦଳିଲା ଚାଇନା ସ୍ୱର

# ଭାରତ-ଚୀନ୍ ସହଯୋଗୀ, ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଲେଖାହେବାକୁ ଯାଉଛି । ପୂର୍ବ ଲଦାଖକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ସୀମା ବିବାଦ ରହିଛି । କିନ୍ତୁ ବର୍ତ୍ତମାନ ଚୀନ୍ ଉତ୍ତେଜନା ବଦଳରେ ସହଯୋଗୀ ଏବଂ ସହଭାଗୀ ଭଳି ଶବ୍ଦ ବ୍ୟବହାର କରୁଛି । ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏବଂ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମଧ୍ୟରେ ବୈଠକ ଗଠନମୂଳକ ହୋଇଛି । ଚୀନ୍ ନିଜର ସ୍ୱର ବଦଳାଇ ଦ୍ୱିତୀୟ ଥର ପାଇଁ କହିଛି ଯେ, ଆମେ ଭାରତକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଏକ ସହଯୋଗୀ ଭାବରେ ଦେଖୁଛୁ । ଭାରତଚଳିତ ବର୍ଷ ସେପ୍ଟେମ୍ବରରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି । ଏ ନେଇ ଏକାଧିକ ବୈଠକ ଚାଲିଛି । ଏସବୁ ମଧ୍ୟରେ, ଭାରତ ସହି ସମ୍ପର୍କ ନେଇ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ବିବୃତି ପୁଣି ଥରେ ଗୁରୁତ୍ୱପୂର୍ଣ୍ଣ ମନେହେଉଛି । ୱାଙ୍ଗ ୟି କହିଛନ୍ତି ଯେ ଭାରତ ଏବଂ ଚୀନ୍ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ । ଏନଏସଏ ଅଜିତ ଡୋଭାଲଙ୍କ ସହ ସାକ୍ଷାତ ସମୟରେ ଚୀନ୍ ବୈଦେଶିକ ମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି । ସେ କହିଛନ୍ତି, ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଳିତ ମାର୍ଗଦର୍ଶନରେ ଚୀନ୍-ଭାରତ ସମ୍ପର୍କରେ ପୁନର୍ବାର ଉନ୍ନତି ଘଟିଛି । ବିଶ୍ୱ ଦୃଷ୍ଟିକୋଣ ସହିତ ସହଯୋଗକୁ ଆଗକୁ ବଢ଼ାଇବା ଉଚିତ । ସେ ଗ୍ଲୋବାଲ୍ ସାଉଥର ଭୂମିକା ବିଷୟରେ ଉଲ୍ଲେଖ କରି କହିଛନ୍ତି, ସମଗ୍ର ଗ୍ଲୋବାଲ୍ ସାଉଥ୍ ସାମୂହିକ ଭାବରେ ଉଭା ହେଉଛି । ସେଥିରେ ଚୀନ୍ ଏବଂ ଭାରତ ମଧ୍ୟ ସାମିଲ ଅଛନ୍ତି । ସେ ସ୍ୱୀକାର କରିଛନ୍ତି, ଗ୍ଲୋବାଲ୍ ସାଉଥର ପ୍ରମୁଖ ମଞ୍ଚ ଭାବରେ ବ୍ରିକ୍ସ ଏକ ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଚିତ୍ ଯାହା ଦ୍ୱାରା ବିଶ୍ୱକୁ କିଛି ଶକ୍ତି ଦ୍ୱାରା ପ୍ରାଧାନ୍ୟ ଦିଆଯିବାରୁ ରୋକିବା ସମ୍ଭବ ହେବ । ୱାଙ୍ଗ ୟି କହିଛନ୍ତି, ଚୀନ୍ ବ୍ରିକ୍ସ ଅଧ୍ୟକ୍ଷ ଭାବରେ ଭାରତର ଭୂମିକାକୁ ସମର୍ଥନ କରେ । ସେ ସ୍ୱୀକାର କରିଛନ୍ତି ଯେ, ଉଭୟ ପକ୍ଷର ମିଳିତ ପ୍ରୟାସ ଯୋଗୁଁ, ବିଭିନ୍ନ କ୍ଷେତ୍ରରେ ଚୀନ୍-ଭାରତ ଆଦାନପ୍ରଦାନ ଧୀରେ ଧୀରେ ପୁନଃ ଆରମ୍ଭ ହୋଇଛି ଏବଂ ସହଯୋଗ ଏବେ ବ୍ୟବସ୍ଥିତ ଭାବରେ ଆଗକୁ ବଢୁଛି । ଭାରତ-ଚୀନ୍ ସୀମା ବିବାଦ ସମ୍ପର୍କରେ, ସେ କହିଛନ୍ତି ଯେ ସୀମା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ଏବଂ ଉଭୟ ଦେଶ ସେମାନଙ୍କ ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିକୁ କାର୍ଯ୍ୟକାରୀ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଉଚିତ । ୱାଙ୍ଗ ୟି କହିଛନ୍ତି, ଉଭୟ ଦେଶ ପରସ୍ପରର ମୂଳ ସ୍ୱାର୍ଥକୁ ସମ୍ମାନ ଦେବା ଏବଂ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସଠିକ୍ ଭାବରେ ପରିଚାଳନା କରିବା ଉଚିତ । ସୀମା ବିବାଦକୁ ଏହାର ସଠିକ ସ୍ଥାନରେ ରଖିବା ଉଚିତ ଏବଂ ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବାକୁ ଦିଆଯିବା ଉଚିତ ନୁହେଁ । ଉଭୟ ଦେଶ ପାଇଁ ବାଣିଜ୍ୟ, ଅର୍ଥ, ଆଇନ ପ୍ରବର୍ତ୍ତନ, ଗଣମାଧ୍ୟମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ସମୟ ଆସିଛି ।

# ଚୀନ ଭରସାରେ ଭାରତର ଫାର୍ମା ଶିଳ୍ପ: ନିତି ଆୟୋଗ ରିପୋର୍ଟ

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଭାରତର ଫାର୍ମା ଶିଳ୍ପ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ୍ ପାଇଁ ଚୀନ ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ ରହିଛି । ପାଖାପାଖି ୬୫ ପ୍ରତିଶତ ଆକ୍ଟିଭ ଫାର୍ମାସ୍ୟୁଟିକାଲ୍ ଇନଗ୍ରେଡିଏଣ୍ଟ (ଏପିଆଇ), କି ଷ୍ଟାର୍ଟିଂ ମ୍ୟାଟେରିଆଲ (କେଏସ୍ଏମ୍) ଭଳି କଞ୍ଚାମାଲ ଏହି ପଡ଼ୋଶୀ ଦେଶ ଯୋଗାଉଛି । ନିତି ଆୟୋଗ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହି ତଥ୍ୟ ସାମନାକୁ ଆସିଛି । ତ୍ରୟମାସିକ ଟ୍ରେଡ୍ ୱାଚ୍ ରିପୋର୍ଟର ଅଷ୍ଟମ ସଂସ୍କରଣରୁ ଏହା ଜଣାଯାଇଛି । ଔଷଧ ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀର ଯୋଗାଣ ଶୃଙ୍ଖଳରେ ରହିଥିବା ଦୁର୍ବଳତାକୁ ନିତି ଆୟୋଗ ଦର୍ଶାଇଛି । ବିଶେଷକରି ଫରମେଣ୍ଟେସନ୍ଭିତ୍ତିକ ଉତ୍ପାଦ ସଂପର୍କରେ କୁହାଯାଇଛି । ସେହିଭଳି ପରିବେଶ ନିୟମ ପାଳନ ବାବଦ ଖର୍ଚ୍ଚ ଅଧିକ ରହିବାରୁ କମ୍ପାନିଗୁଡ଼ିକର ଔଷଧ ଉତ୍ପାଦନ ଓ ଗବେଷଣା ଖର୍ଚ୍ଚ ଅଧିକ ରହୁଛି । କେବଳ ଯୋଗାଣ ଶୃଙ୍ଖଳ ଦୁର୍ବଳ ନୁହେଁ, ଭାରତୀୟ ଫାର୍ମା ବ୍ୟବସ୍ଥା ଅନ୍ୟାନ୍ୟ ଅସୁବିଧା ଦେଇ ମଧ୍ୟ ଗତି କରୁଛି । ନବପ୍ରବର୍ତ୍ତନ ଓ ବାଣିଜ୍ୟିକ ଢାଞ୍ଚା ଦୁର୍ବଳ ରହିବା କାରଣରୁ ନବପ୍ରବର୍ତ୍ତକମାନେ ଅନିଶ୍ଚିତତା ଦେଇ ଗତି କରୁଛନ୍ତି । ସେମାନଙ୍କୁ ଏହା ଦୀର୍ଘ ମିଆଦୀ ନିବେଶ ଲାଗି ନିରୁତ୍ସାହିତ କରୁଛି । ଏସବୁ ସମସ୍ୟାର ସମାଧାନ କରିବାକୁ ହେଲେ ଉଚ୍ଚମୂଲ୍ୟର ଫାର୍ମା ବର୍ଗକୁ ଅଧିକ ବ୍ୟାପକ କରିବାକୁ ହେବୟ ଏଥସହିତ ଗବେଷଣାର ବାଣିଜ୍ୟୀକରଣ ଏବଂ ଷ୍ଟାର୍ଟଅପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଔଷଧ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଦୃଢ଼ ସମନ୍ୱୟ ସ୍ଥାପନ କରିବାକୁ ହେବ ବୋଲି ନିତି ଆୟୋଗ ସୁପାରିସ କରିଛି । ନିୟାମକ ବ୍ୟବସ୍ଥାରେ ସ୍ୱଚ୍ଛତା ବାଢ଼ାଇବା ଏବଂ ମଜବୁତ ଲାଇଫ୍ ସାଇନ୍ସ କ୍ଲଷ୍ଟର ସ୍ଥାପନ ପାଇଁ ଏହା ସୁପାରିସ କରିଛି । ଏହା ହେଲେ ପ୍ରଯୁକ୍ତି ସ୍ଥାନାନ୍ତରରେ ଉନ୍ନତି ଆସିବ । ରିପୋର୍ଟ ଉନ୍ମୋଚନ ସମୟରେ ନିତି ଆୟୋଗ ଉପାଧ୍ୟକ୍ଷ ଅଶୋକ ଲାହିରି କହିଛନ୍ତି ଭାରତ ନିଜକୁ ବିଶ୍ୱର ଔଷଧ କାରଖାନା ଭାବେ ପ୍ରତିଷ୍ଠା କରିପାରିଛି । ପରିମାଣ ଦୃଷ୍ଟିରୁ ଭାରତ ଠିକ୍ ଦିଗରେ ଗତି କରୁଥିଲେ ମଧ୍ୟ ଆମକୁ ମୂଲ୍ୟ ଶୃଙ୍ଖଳରେ ଆଗକୁ ଯିବାକୁ ପଡ଼ିବ । ଅନ୍ତର୍ଜାତୀୟ ବଜାରରେ ଭାରତର ବିଶ୍ୱସନୀୟତା ରହିଛି । ଯଦି ଭାରତୀୟ କମ୍ପାନିଗୁଡ଼ିକ ଉଚ୍ଚମାନର ଔଷଧ ଉତ୍ପାଦନ କରି ସେଗୁଡ଼ିକ ଠିକ୍ ମୂଲ୍ୟରେ ବିକ୍ରି କରିପାରିବେ ତାହେଲେ ବିଶ୍ୱରେ ଅଧିକ ବଜାରଅଂଶ ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ । ସୁଲଭ ମୂଲ୍ୟର ଜେନେରିକ୍ ଔଷଧ ଯୋଗାଣ କ୍ଷେତ୍ରରେ ଭାରତ ଆଗରେ ରହିଛି । ଆଫ୍ରିକାରେ ଉକ୍ତ ଔଷଧର ପ୍ରାୟ ୫୦ ପ୍ରତିଶତ ଚାହିଦା ଭାରତ ପୂରଣ କରୁଛି । ସେହିଭଳି ଯୁକ୍ତରାଷ୍ଟ୍ର ଆମେରିକାର ୪୦ ପ୍ରତିଶତ ଏବଂ ବ୍ରିଟେନର ୨୫ ପ୍ରତିଶତ ଚାହିଦା ଭାରତ ଜରିଆରେ ପୂରା ହେଉଛି ।

# କଂଗ୍ରେସ ସଂଗଠନରେ ବଡ଼ ଧରଣର ଅଦଳବଦଳ ସମ୍ଭାବନା

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଆଗାମୀ ବିଧାନସଭା ଓ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଂଗ୍ରେସ ହାଇକମାଣ୍ଡ ଏକ ବଡ଼ ଧରଣର ସାଂଗଠନିକ ଅଦଳବଦଳ କରିବାକୁ ଯାଉଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି ।ଦଳ ଭିତରେ ଥିବା ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ରୋକିବା ସହ ନୂତନ ଏବଂ ପ୍ରଭାବଶାଳୀ ନେତାଙ୍କୁ ସମ୍ମୁଖକୁ ଆଣିବା ପାଇଁ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ଏବଂ ଅନେକ ରାଜ୍ୟର ସାଂଗଠନିକ ସ୍ତରରେ ବ୍ୟାପକ ପରିବର୍ତ୍ତନର ଗୁଜବ ଏବେ ରାଜନୈତିକ ମହଲରେ ସରଗରମ ହୋଇଛି । ସୂତ୍ର ଅନୁସାରେ, ଏହି ପ୍ରକ୍ରିୟାରେ ପ୍ରାୟ ଚାରି ଜଣ କେନ୍ଦ୍ରୀୟ ସାଧାରଣ ସମ୍ପାଦକଙ୍କୁ ତାଙ୍କ ପଦବୀରୁ ହଟାଯାଇପାରେ ଏବଂ ଏହା ସହିତ ତିନିରୁ ଚାରୋଟି ପ୍ରମୁଖ ରାଜ୍ୟର ସଭାପତିଙ୍କୁ ମଧ୍ୟ ବଦଳାଯାଇପାରେ । ଶୃଙ୍ଖଳିତ ସଂଗଠନ ପାଇଁ ପ୍ରାୟ ୬ ରୁ ୭ ଟି ରାଜ୍ୟର ପ୍ରଭାରୀଙ୍କୁ ବଦଳାଇବା ସହ ବର୍ତ୍ତମାନ କାର୍ଯ୍ୟରତ ୬୨ ଜଣ ରାଜ୍ୟ ସମ୍ପାଦକଙ୍କ ତୁଳନାରେ ପ୍ରାୟ ୨୬ ଜଣ ଜାତୀୟ ସମ୍ପାଦକଙ୍କୁ ମଧ୍ୟ ଦାୟିତ୍ୱରୁ ମୁକ୍ତ କରାଯିବାର ଯୋଜନା ରହିଛି । ଏହି ସାଂଗଠନିକ ପରିବର୍ତ୍ତନ ପଛରେ 'ଜଣେ ବ୍ୟକ୍ତି ଜଣେ ପଦବୀ' ନିୟମ ଏବଂ ନେତାମାନଙ୍କର ନୂତନ ସରକାରୀ ଦାୟିତ୍ୱ ଏକ ମୁଖ୍ୟ କାରଣ ସାଜିଛି । ସୂତ୍ର ଅନୁସାରେ, ହରିୟାଣା ପ୍ରଭାରୀ ବିକେ ହରିପ୍ରସାଦ ନିକଟରେ କର୍ଣ୍ଣାଟକ କଂଗ୍ରେସର ରାଜ୍ୟ



ସଭାପତି ହୋଇଥିବାରୁ ତାଙ୍କ ସ୍ଥାନରେ ହରିୟାଣା ପାଇଁ ଜଣେ ନୂଆ ପ୍ରଭାରୀ କିମ୍ବା ସାଧାରଣ ସମ୍ପାଦକ ନିଯୁକ୍ତ କରାଯିବ । ସେହିପରି କେରଳରେ କଂଗ୍ରେସ ସରକାର ଗଠନ ହେବା ପରେ ମହାରାଷ୍ଟ୍ର ପ୍ରଭାରୀ ରମେଶ ଚେନ୍ନିଥାଲା ଏବଂ କେରଳ କଂଗ୍ରେସ ସଭାପତି ସନି ଯୋଶେଫ ମନ୍ତ୍ରୀ ପଦ ପାଇଛନ୍ତି, ଯାହାଫଳରେ ସେମାନଙ୍କ ସ୍ଥାନରେ ନୂଆ ମୁହଁଙ୍କୁ ଦାୟିତ୍ୱ ଦିଆଯିବ । ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡଙ୍କରଙ୍କୁ ସମ୍ପ୍ରତି ଗୋଆର ରାଜ୍ୟ ସଭାପତି ଭାବେ ନିଯୁକ୍ତ କରାଯାଇଥିବାରୁ 'ଏଆଇସିସି' ଦାୟିତ୍ୱରୁ ତାଙ୍କର ବିଦାୟ ନିଶ୍ଚିତ ମାନାଯାଉଛି । ଏହା ସହିତ ଛତିଶଗଡ଼ ପ୍ରଭାରୀ ସଚିନ ପାଇଲଟ୍ ଏବଂ ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ସିଂହ ରନ୍ଧାୱାଙ୍କୁ ମଧ୍ୟ ସେମାନଙ୍କ ବର୍ତ୍ତମାନର ଦାୟିତ୍ୱରୁ ହଟାଯାଇ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଲଗାଯାଇପାରେ । ରାଜ୍ୟ ସଂଗଠନଗୁଡ଼ିକୁ ସମୀକ୍ଷା କଲେ ଜଣାପଡ଼େ ଯେ, କଂଗ୍ରେସ ବିଶେଷ କରି ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତର ପ୍ରଦେଶରେ ନୂଆ ରାଜ୍ୟ ସଭାପତି ନିଯୁକ୍ତ କରିବାକୁ ପ୍ରସ୍ତୁତି ଚଳାଇଛି । ବିଶେଷ କରି ୨୦୨୭ ମସିହାରେ ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ ଗୁରୁତ୍ୱପୂର୍ଣ୍ଣ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ, ଏହି ଦୁଇ ରାଜ୍ୟର ସଭାପତି ପରିବର୍ତ୍ତନ ନିଷ୍ପତ୍ତିକୁ ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି । ନିର୍ବାଚନୀ ମଇଦାନକୁ ଓହ୍ଲାଇବା ପୂର୍ବରୁ କର୍ମୀଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିବା ପାଇଁ ହାଇକମାଣ୍ଡ ଏହିସବୁ ନିଷ୍ପତ୍ତି ଖୁବଶୀଘ୍ର ଆନୁଷ୍ଠାନିକ ଭାବେ ଘୋଷଣା କରିପାରନ୍ତି ।

# ଦିଲ୍ଲୀରେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଦିଲ୍ଲୀରେ ଆଜି ଆରମ୍ଭ ହୋଇଛି । ଆମେରିକାର ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରିରଙ୍କ ସହିତ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏ ନେଇ ଆଲୋଚନା ଚଳାଇଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ରାଜିନାମା ସଂପର୍କରେ ଆଲୋଚନା ପାଇଁ ଗ୍ରିର ନୂଆଦିଲ୍ଲୀରେ ପହଞ୍ଚିଥିବା ସଂପର୍କରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ୍ କରିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟର ମୁଖ୍ୟାଳୟ ବାଣିଜ୍ୟ ଭବନରେ ଏ ନେଇ ବୈଠକ ଚାଲିଛି । ଏଥିରେ ବାଣିଜ୍ୟ ବିଭାଗର ସଚିବ ରାଜେଶ ଅଗ୍ରୱାଲ ଏବଂ ବାଣିଜ୍ୟ ଆଲୋଚନାର ନେତୃତ୍ୱ ନେଉଥିବା ଦର୍ପଣ ଜେନ ମଧ୍ୟ ଉପସ୍ଥିତ ଅଛନ୍ତି । ଉଲ୍ଲେଖଯୋଗ୍ୟ, ଭାରତ ଏବଂ ଆମେରିକା ଚଳିତବର୍ଷ ଫେବୃଆରିରେ ପ୍ରଥମ ପର୍ଯ୍ୟାୟ ବାଣିଜ୍ୟ ରାଜିନାମାର ଢାଞ୍ଚା ଘୋଷଣା କରିଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ବିଭିନ୍ନ ଦେଶ ଉପରେ ଲାଗୁ କରାଯାଇଥିବା ପାଲଟା ଶୁଳ୍କକୁ ବେଆଇନ ଘୋଷଣା କରିଥିଲେ । ପରିସ୍ଥିତି ବଦଳି ଯିବା ପରେ ବାଣିଜ୍ୟ ରାଜିନାମା ସଂକ୍ରାନ୍ତ ଆଲୋଚନାର ଗୁରୁତ୍ୱ ବଢ଼ିଯାଇଛି ।

# ଏଲ୍-ନିନୋ ମୁକାବିଲା ପାଇଁ ସରକାରଙ୍କ ପ୍ରସ୍ତୁତି ସମୀକ୍ଷା

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଆସୁଛି ଏଲ୍ ନିନୋ । ଏହାର ପ୍ରଭାବରେ ସାରା ଦେଶରେ ବର୍ଷାର ପରିମାଣ କମ୍ ରହିବ । ଫଳରେ ଖରିଫ୍ ଋତୁରେ ଚାଷୀ ଓ ଚାଷ ଉପରେ ଏହାର ପ୍ରଭାବ ପଡ଼ିବ ବୋଲି କିଛିମାସ ହେବ ପାଣିପାଗ ବିଭାଗ ଚେତାବନୀ ଦେଇଛି । ଏହାର ମୁକାବିଲା ପାଇଁ କେନ୍ଦ୍ର ସରକାର ଏକ ପ୍ରସ୍ତୁତି ସମୀକ୍ଷା ବୈଠକର ଆୟୋଜନ କରିଥିଲେ । ଏଥିରେ ମୁଖ୍ୟ ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ । ଏଥିରେ କେନ୍ଦ୍ର କୃଷିମନ୍ତ୍ରୀ ଏଲ୍-ନିନୋ ମୁକାବିଲା ପାଇଁ ରାଜ୍ୟ ସରକାରମାନେ କିଭଳି ପ୍ରସ୍ତୁତ ହେଉଛନ୍ତି ତା'ର ସମୀକ୍ଷା କରିଛନ୍ତି । ଏହି ବୈଠକରେ ରାଜ୍ୟ କୃଷିମନ୍ତ୍ରୀ ଓ କୃଷି ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ ।

# ଦଳରୁ ୮ ନେତାଙ୍କୁ ବହିଷ୍କାର କଲେ ମମତା

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସରେ ଆରମ୍ଭ ହୋଇଥିବା ରାଜନୈତିକ ଘଟଣାକ୍ରମ ଥମିବାର ନାଁ ଧରୁନି । ପ୍ରଥମେ ବିଧାନସଭାରେ ବିଧାୟକଙ୍କ ବିଦ୍ରୋହ, ଯା ପରେ କିଛି ରାଜ୍ୟସଭା ସାଂସଦଙ୍କ ଇସ୍ତଫା, ଏହାପରେ ଲୋକସଭା ସାଂସଦଙ୍କ ଗୋଷ୍ଠୀ ଅସନ୍ତୁଷ୍ଟ ହେବା ଏବେ ସମସ୍ତଙ୍କ ଆଗରେ ରହିଛି । ଗତ କିଛି ଦିନ ହେବ ନିଜକୁ ଅସଲି ଟିଏମ୍ସି ଦାବି କରୁଥିବା ରୀତାବ୍ରତ ବାନାର୍ଜୀ ଗୋଷ୍ଠୀ ପକ୍ଷରୁ ପାର୍ଟି ପ୍ରତିଷ୍ଠାତା ମମତା ବାନାର୍ଜୀଙ୍କୁ ଅଧ୍ୟକ୍ଷ ପଦରୁ ହଟିବା ଓ ପାର୍ଟିରୁ ଅଭିଷେକ ବାନାର୍ଜୀଙ୍କ ନିଲମ୍ବନ ଖବର ମଧ୍ୟ ସମାନକୁ ଆସିଥିଲା । ଏବେ ଆଜି ନିଜେ ମମତା ବିଦ୍ରୋହୀଙ୍କ ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅରୁପ ରାୟ, ଫିରହାଦ ହାକିମଙ୍କ ସହିତ ୮ ଜଣଙ୍କୁ ଦଳରୁ ବାହାର କରିଛନ୍ତି । ତୃଣମୂଳ କଂଗ୍ରେସରୁ ବହିଷ୍କୃତ ନେତାଙ୍କ ଭିତରେ ଜାଭେଦ ଅହମ୍ମଦ ଖାନ୍, ଫିରହାଦ୍ ହକିମ୍, ଅରୁପ୍ ରାୟ, ରଥିନ ଘୋଷ, ବିପ୍ଳବ ମିତ୍ରା, ସବିନା ୟାସମିନ୍, ଅରୁପ ବିଶ୍ୱାସ ଓ ସ୍ନେହାଶିଷ ଚକ୍ରବର୍ତ୍ତୀ ରହିଛନ୍ତ । ଏହା ପୂର୍ବରୁ ଟିଏମ୍ସି ଏହି ସବୁ ନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଜବାବ ମାଗିଛି ।ଏହି କାର୍ଯ୍ୟାନୁଷ୍ଠାନ ଏଭଳି ସମୟରେ ହୋଇଛି, ଯେତେବେଳେ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧି ନେତା ରୀତାବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ସୋମବାର ଦଳ ଭିତରେ ନୂଆ ସଂଗଠନାତ୍ମକ ସଂରଚନା ତିଆରି କରିବାର ଘୋଷଣା କରିଥିଲେ । ବିଦ୍ରୋହୀ ଗୋଷ୍ଠୀର ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ କରି ଅଲ୍ ଇଣ୍ଡିଆ ତୃଣମୂଳ କମିଟି ଓ ୩୦ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଚୟନ କରାଯାଇଥିଲା । ଏହାଛଡା ପୂର୍ବତନ ମନ୍ତ୍ରୀ ଅରୁପ ବିଶ୍ୱାସ ଓ ବିଧାୟକ ଫରହାଦ ହକିମ୍‌ଙ୍କୁ ଉପାଧ୍ୟକ୍ଷ କରିବା ନେଇ ଘୋଷଣା କରାଯାଇଥିଲା । ରାଷ୍ଟ୍ରୀୟ କାର୍ଯ୍ୟକାରିଣୀରେ ରଥିନ ଘୋଷ, ସବିନା ୟାସ୍ମିନ୍, ଜାଭେଦ ଖାନ୍ ଓ ସନ୍ଦୀପକ ସାହା ସମେତ ବହୁ ନେତାଙ୍କୁ ସାମିଲ କରାଯାଇଥିଲା ।

# ଟ୍ରମ୍ପଙ୍କୁ ଝଟକା ଦେଲେ ଆମେରିକା ବିଚାରପତି ଗୋପନୀୟତା ଡାଟାବେସ୍ ରଦ୍ଦ

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଆମେରିକାର ଜଣେ ଫେଡେରାଲ ବିଚାରପତି ଆମେରିକୀୟ ନାଗରିକଙ୍କ ବିଷୟରେ ଗୋପନୀୟ ସୂଚନା ଥିବା ଟ୍ରମ୍ପ ପ୍ରଶାସନ ଡାଟାବେସକୁ ରଦ୍ଦ କରିଛନ୍ତି । ବିଚାରପତି ଏହାକୁ ବେଆଇନ ଘୋଷଣା କରିଛନ୍ତି କାରଣ ଅନେକ ରାଜ୍ୟ ଏହାକୁ ବ୍ୟବହାର କରି ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇଥିଲେ । ଆମେରିକାର ଫେଡେରାଲ କୋର୍ଟର ବିଚାରପତି ସ୍ପାର୍କଲ ସୁକନାନନ ଏକ ରାୟରେ ଲେଖିଛନ୍ତି, ଫେଡେରାଲ ସରକାର ଆମେରିକୀୟ ନାଗରିକଙ୍କ ଗୋପନୀୟତା ଅଧିକାରକୁ ଜାଣିଶୁଣି ଏପରି ଭାବରେ ଉଲ୍ଲଂଘନ କରିଛନ୍ତି ଯାହା ଭୋଟ ଦେବାର ଗୁରୁତ୍ୱପୂର୍ଣ୍ଣ ଅଧିକାରକୁ ବିପଦରେ ପକାଇଛି । ଏପରି ଘଟଣା ଘଟିବା ନେଇ କୋର୍ଟ ନୀରବଦ୍ରଷ୍ଟା ସାଜି ଚୁପ୍ ରହିପାରିବେ ନାହିଁ। ସୁକନାନନ କହିଛନ୍ତି, ଫେଡେରାଲ ଏଜେନ୍ସିଗୁଡ଼ିକ ଫେଡେରାଲ ନିର୍ବାଚନ ବ୍ୟବସ୍ଥାରେ ପରିବର୍ତ୍ତନ ତରବରିଆ ଭାବେ କରିଥିଲେ । ଫଳରେ ଲକ୍ଷ ଲକ୍ଷ ଆମେରିକୀୟଙ୍କ ବ୍ୟକ୍ତିଗତ ସୂଚନାକୁ ଅବିଶ୍ୱସନୀୟ ଭାବରେ ସଂଗ୍ରହ କରାଯାଇ ପୁନଃବ୍ୟବହାର କରାଯାଇଥିଲା । ଯେଉଁଥିରେ ନାଗରିକତ୍ୱ ତଥ୍ୟ ମଧ୍ୟ ଅନ୍ତର୍ଭୁକ୍ତ ଥିଲା ଯାହାକୁ ସରକାର ପୂର୍ବରୁ ଅବିଶ୍ୱସନୀୟ ବୋଲି ଜାଣିଥିଲେ । ସେବେଠାରୁ, ରାଜ୍ୟଗୁଡ଼ିକ ଡାଟାବେସ୍ ପ୍ରବେଶ କରିବା ପାଇଁ ଫେଡେରାଲ ସରକାରଙ୍କ ସହିତ ସହଭାଗୀ ହୋଇଛନ୍ତି ଏବଂ ମିଥ୍ୟା ସୂଚନା ଆଧାରରେ ଆମେରିକୀୟ ନାଗରିକମାନଙ୍କୁ ଭୋଟର ତାଲିକାରୁ ହଟାଇ ଦେଉଛନ୍ତି ବୋଲି ସୁକନାନନ କହିଛନ୍ତି । ଆମେରିକା ଜିଲ୍ଲା ବିଚାରପତିଙ୍କ ଅନୁଯାୟୀ, ଏହି ମାମଲା ଦୁଇଟି ମୌଳିକ ଅଧିକାରକୁ ଦର୍ଶାଉଛି । ଏହା ଆମେରିକୀୟମାନଙ୍କୁ ସରକାରୀ ହସ୍ତକ୍ଷେପରୁ ରକ୍ଷା କରିଥାଏ । ସେ ଦୁଇଟି ହେଉଛି ଗୋପନୀୟତାର ଅଧିକାର ଏବଂ ଭୋଟ ଦେବାର ଅଧିକାର । ସୂଚନାଯୋଗ୍ୟ, ମାର୍ଚ୍ଚ ୨୦୨୫ ରେ, ରାଷ୍ଟ୍ରପତି ଟ୍ରମ୍ପ ଆମେରିକାର ନିର୍ବାଚନକୁ ପରିବର୍ତ୍ତନ କରି ଏକ ପ୍ରମୁଖ କାର୍ଯ୍ୟନିର୍ବାହୀ ଦେଶରେ ସ୍ୱାକ୍ଷର କରିଥିଲେ, ଯେଉଁଥିରେ ସଂଘୀୟ ନିର୍ବାଚନରେ ଭୋଟ ଦେବା ପାଇଁ ପଞ୍ଜୀକରଣ କରିବା ଲାଗି ନାଗରିକତାର ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଥିଲା । ପଞ୍ଜୀକୃତ ଭୋଟର କିମ୍ବା ଭୋଟ ଦେବା ପାଇଁ ପଞ୍ଜୀକରଣ କରୁଥିବା ଲୋକଙ୍କ ନାଗରିକତା ତଥା ପ୍ରବାସ ସ୍ଥିତି ଯାଞ୍ଚ କରିବା ପାଇଁ ରାଜ୍ୟ ଏବଂ ସ୍ଥାନୀୟ ଅଧିକାରୀଙ୍କ ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଇରାନ ଯୁଦ୍ଧ

# ଇସ୍ରାଏଲ-ଆମେରିକା ନାଗରିକଙ୍କ ଅପେକ୍ଷା ଅଧିକ ଭାରତୀୟଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ଇରାନ ଯୁଦ୍ଧରେ ଇସ୍ରାଏଲ ଏବଂ ଆମେରିକାର ନାଗରିକଙ୍କ ତୁଳନାରେ ଅଧିକ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି । ଭାରତ ଯୁଦ୍ଧରେ କୌଣସି ପ୍ରକାରେ ଜଡିତ ନଥିବା ସତ୍ତ୍ୱେ ଏହା ହୋଇଛି । ସୋମବାର ଜୁନ୍ ୨୨ରେ, କତାରର ରାସ୍ ଲାଫାନରେ ହୋଇଥିବା ଆକ୍ରମଣରେ ୧୨ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି । ଯାହା ଫଳରେ ମୋଟ ଭାରତୀୟ ମୃତକଙ୍କ ସଂଖ୍ୟା ୨୫ ରେ ପହଞ୍ଚିଛି । ଏହି ଯୁଦ୍ଧରେ ୧୩ ଜଣ ଆମେରିକୀୟ ଏବଂ ୨୪ ଜଣ ଇସ୍ରାଏଲୀ ପ୍ରାଣ ହରାଇଛନ୍ତି । ଉଭୟ ଦେଶ ଯୁଦ୍ଧରେ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କର କମ୍ ସଂଖ୍ୟକ ନାଗରିକଙ୍କ ଜୀବନ ଯାଇଛି । ଇସ୍ରାଏଲୀ ଆକ୍ରମଣ ଯୋଗୁଁ ଯୁଦ୍ଧରେ ସର୍ବାଧିକ ୪,୦୦୦ ଲେବାନନ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ଇରାନର ୩,୬୦୦ ନାଗରିକଙ୍କ ଜୀବନ ଯାଇଛି । କତାରର ରାସ ଲାଫାନ ବ୍ୟତୀତ, ହର୍ମୁଜରେ ଛଅ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ତିନି ଜଣ ଆମେରିକା ଆକ୍ରମଣରେ ପ୍ରାଣ ହରାଇଥିଲେ । ଭାରତ ଏହାକୁ ନେଇ ଆମେରିକା ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ନିଜେ ଆମେରିକାର ବୈଦେଶିକ ସଚିବଙ୍କୁ ଫୋନ୍ କରି ପ୍ରତିବାଦ ଜଣାଇଥିଲେ । ନିକଟରେ କତାରରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା । କୁଏତରେ ଇରାନୀ ଆକ୍ରମଣରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା । ୟୁଏଇରେ ମଧ୍ୟ ଭାରତୀୟଙ୍କ ମୃତ୍ୟୁ ହୋଇଛି । ଇରାନ ଯୁଦ୍ଧରେ ଏପର୍ଯ୍ୟନ୍ତ ମୋଟ ୨୫ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଉପସାଗର ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁର ତିନୋଟି ପ୍ରମୁଖ କାରଣ ରହିଛି । ପ୍ରଥମତଃ, ଉପସାଗର ଦେଶଗୁଡ଼ିକରେ ବହୁ ସଂଖ୍ୟକ ଭାରତୀୟ ଶ୍ରମିକ ବାସ କରୁଛନ୍ତି । ଦ୍ୱିତୀୟତଃ, ଜାହାଜରେ ବହୁ ସଂଖ୍ୟକ ଭାରତୀୟ ଶ୍ରମିକ କାମ କରୁଛନ୍ତିୟ ତୃତୀୟତଃ, ସମଗ୍ର ଉପସାଗର ଅଞ୍ଚଳରେ ଇରାନ ଯୁଦ୍ଧ ବ୍ୟାପିଛି। ଉପସାଗରୀୟ ଅଞ୍ଚଳରେ ଭାରତୀୟ ଜନସଂଖ୍ୟା ଯଥେଷ୍ଟ ଅଧିକ। ସାଉଦି ଆରବରେ ୨୭ ଲକ୍ଷ ଏବଂ ୟୁଏଇରେ ୪୩ ଲକ୍ଷ ଭାରତୀୟ ବାସ କରନ୍ତି । ସେହିପରି କୁଏତରେ ୧୦ ଲକ୍ଷ ଏବଂ କତାରରେ ୮ ଲକ୍ଷ ପ୍ରବାସୀ ଭାରତୀୟ ବାସ କରନ୍ତି। ଆକ୍ରମଣ ଘଟିଥିବା କତାର ବନ୍ଦର ରାସ ଲାଫାନରେ ବହୁ ସଂଖ୍ୟକ ଭାରତୀୟ କାମ କରିଥାନ୍ତି। ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଜାହାଜରେ ଅଧିକାଂଶ ଶ୍ରମିକ ଭାରତୀୟ ଅଛନ୍ତି । ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ହର୍ମୁଜରେବର୍ତ୍ତମାନ ଫସି ରହିଥିବା ୫୫୦ ଜାହାଜରେ ୧୮ ହଜାରରୁ ଅଧିକ ଭାରତୀୟ ଶ୍ରମିକ ଅଛନ୍ତି । ଫଳରେ ଜାହାଜ ଉପରେ ହେଉଥିବା ଆକ୍ରମଣରେ ପ୍ରାୟତଃ ଭାରତୀୟମାନେ ପ୍ରାଣ ହରାଇଥାନ୍ତି । ଉପସାଗର ଯୁଦ୍ଧରେ ଅଧାରୁ ଅଧିକ ଭାରତୀୟ ପ୍ରାଣ ହରାଇଥିଲେ ଇରାନୀ ଆକ୍ରମଣ ଯୋଗୁଁ। ଆମେରିକା ଆକ୍ରମଣରେ ତିନି ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା । ଚଳିତ ମାସର ଆରମ୍ଭରେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଏକ ଜାହାଜକୁ ଆମେରିକା ଟାର୍ଗେଟ କରିଥିଲା । କୁଏତ, ରାସ୍ ଲାଫାନ୍ ଏବଂ କତାରରେ ପ୍ରାଣ ହରାଇଥିବା ଭାରତୀୟମାନେ ଇରାନୀ ଆକ୍ରମଣରେ ପ୍ରାଣ ହରାଇଥିଲେ । ଉଭୟ ଦେଶ କହିଛନ୍ତି ଯେ, ଭାରତୀୟଙ୍କୁ ଟାର୍ଗେଟ କରାଯାଇ ନଥିଲା ।

## ବିଶ୍ୱକୁ ସହଜରେ ତେଲ ଯୋଗାଇବ ଇରାନ

# କଟକଣା ହଟାଇଲା ଆମେରିକା

**ନୂଆଦିଲ୍ଲୀ, ୨୩।୬(ଏଜେନ୍ସି):** ସ୍ୱିଜରଲ୍ୟାଣ୍ଡରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଆଲୋଚନା ପରେ, ଆମେରିକା ଏବଂ ଇରାନ ଅନେକ ପ୍ରସଙ୍ଗରେ ପ୍ରାରମ୍ଭିକ ସହମତିରେ ପହଞ୍ଚିଛନ୍ତି । ଏଥିମଧ୍ୟରୁ ସବୁଠାରୁ ଉଲ୍ଲେଖନୀୟ ହେଉଛି ତେଲ ବିକ୍ରୟ ପାଇଁ ଇରାନକୁ ଦିଆଯାଇଥିବା ୬୦ ଦିନର ଛାଡ । ଏହା ଭାରତ ପାଇଁ ବିଶ୍ୱ ଶକ୍ତି ବଜାର ଏବଂ ନିଜସ୍ୱ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଭାରତ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଇରାନରୁ ପ୍ରଚୁର ପରିମାଣର ତେଲ କ୍ରୟ କରୁଥିଲା । ତଥାପି, ଏହି ହ୍ରାସ ଆମେରିକାର କଟକଣା ଯୋଗୁଁ ହୋଇଥିଲା । ତେଲ ରପ୍ତାନି ପାଇଁ ଇରାନକୁ ଦିଆଯାଇଥିବା ଛାଡରୁ ଭାରତ ମଧ୍ୟ ଲାଭ ପାଇବାର ଆଶା କରାଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ୬୦ ଦିନିଆ ବୁଝାମଣାପତ୍ର ଅଧୀନରେ ତେହେରାନକୁ ଏହି ଛାଡ ମିଳିଛି । ପ୍ରତିବଦଳରେ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି ନକରିବାକୁ ପ୍ରତିଶ୍ରୁତି ଦେଇଛି । ଇରାନକୁ ୬୦ଦିନ ପାଇଁ ଏହି ଛାଡ ମିଳିବ, ଯାହା ଫଳରେ ସେ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଅଶୋଧିତ ତେଲ ଏବଂ ପେଟ୍ରୋଲିୟମ ଉତ୍ପାଦ ବିକ୍ରି କରିପାରିବ । ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ସ୍ୱିଜରଲ୍ୟାଣ୍ଡରେ ଚାଲିଥିବା ଆଲୋଚନାରେ 'ବହୁତ ଭଲ ଅଗ୍ରଗତି' ହୋଇଛି ବୋଲି କହିବାର କିଛି ଘଣ୍ଟା ପରେ ଏହି ନିଷ୍ପତ୍ତି ଆସିଛି । ଟ୍ରେଜରୀ ବିଭାଗ 'ଇରାନ ଜେନେରାଲ ଲାଇସେନ୍ସ ଏକ୍ସ'ରେ



ଜାରି କରିଛି । ଏହା ଅନୁସାରେ, ୨୧ ଅଗଷ୍ଟ ପର୍ଯ୍ୟନ୍ତ ଇରାନରୁ ବାହାରୁଥିବା ଅଶୋଧିକ ତେଲ, ପେଟ୍ରୋକେମିକାଲ୍ସ ଉତ୍ପାଦ ଓ ଅନ୍ୟ ପେଟ୍ରୋଲିୟମ୍ ଉତ୍ପାଦର ଉତ୍ପାଦନ, ଡେଲିଭରି ଓ ବିକ୍ରିର ଅନୁମତି ଦିଆଯାଇଛି । ଲାଇସେନ୍ସ ଅନୁସାରେ, ଇରାନର ମୂଳ ଅଶୋଧିତ ତେଲ, ପେଟ୍ରୋକେମିକାଲ୍ସ ଉତ୍ପାଦ ଓ ପେଟ୍ରୋଲିୟମ୍ ଉତ୍ପାଦର ଉତ୍ପାଦନ, ବିକ୍ରି, ଡେଲିଭରି କିମ୍ବା ସେ ସମ୍ପର୍କିତ ସବୁ ଲେଣ-ଦେଣ, ଯାହାକି ପୂର୍ବରୁ କଟକଣା ପରିସରେ ଆସୁଥିଲା, ତାହା ଏବେ ୨୧ ଅଗଷ୍ଟ ପର୍ଯ୍ୟନ୍ତ ଭ୍ୟାଲିଡ୍ ରହିବ । ଭାରତ ନିଜର ଆବଶ୍ୟକତାର ପ୍ରାୟ ୮୫% ଅଶୋଧିତ ତେଲ ଉତ୍ପାଦନ କରିଥାଏ । ଇରାନକୁ ଅଶୋଧିତ ତେଲ ବିକ୍ରିରେ ମିଳୁଥିବା ଛାଡ ଭାରତ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆମେରିକା-ଇରାନ ଯୁଦ୍ଧ କାରଣରୁ ସାରା ବିଶ୍ୱରେ ତେଲ ସପ୍ଲାଇ ବାଧାପ୍ରାପ୍ତ ହୋଇଛି । ଭାରତ ଉପରେ ବି ଏହାର ପ୍ରଭାବ ପଡିଥିଲା । ଏବେ ଆମେରିକାର ତେହରାନକୁ ଦିଆଯାଇଥିବା ୬୦ ଦିନର ଛାଡ ଦ୍ୱାରା ଭାରତକୁ ମଧ୍ୟ ବଡ଼ ଲାଭ ମିଳିବାର ଆଶା କରାଯାଉଛି । ଆମେରିକାର ଇରାନ ଉପରେ କଟକଣା ଲଗାଇବା ପୂର୍ବ ପର୍ଯ୍ୟନ୍ତ ଇରାନର ସବୁଠାରୁ ବଡ କ୍ରେତା ଥିଲା ଭାରତ । ୨୦୧୯ ମସିହାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆମେରିକା ଇରାନ ଉପରେ କଟକଣା ଲଗାଇବା ପରେ, ଭାରତ ତେହେରାନରୁ ତେଲ କ୍ରୟ ହ୍ରାସ କରିଥିଲା । ୟୁକ୍ରେନ ଯୁଦ୍ଧ ପରେ, ଭାରତ ପାଇଁ ରୁଷ ଅଶୋଧିତ ତେଲର ଏକ ପ୍ରମୁଖ କ୍ରେତା ଭାବରେ ଉଭା ହୋଇଥିଲା ।



## ଭାରତରେ ୱାଟର ପଜିଟିଭରେ ପରିଣତ ହୋଇଛି ଆମାଜନ

**ଭୁବନେଶ୍ୱର, ୨୩।୬ (ନି.ପ୍ର) :** ଆମାଜନ ଭାରତରେ ୱାଟର ପଜିଟିଭରେ ପରିଣତ ହୋଇଛି। ଏହାର ଅର୍ଥ ହେଉଛି କମ୍ପାନୀ ଏବେ ଭାରତବ୍ୟାପୀ କର୍ପୋରେଟ ଅଫିସ, ଡାଟା ସେଂଟର ଓ ଫୁଲ୍‌ଫିଲମେଂଟ ସେଂଟରଗୁଡିକ ସମେତ ଏହାର ପ୍ରତ୍ୟକ୍ଷ ପରିଚାଳନାରେ ବ୍ୟବହୃତ ଜଳଠାରୁ ଅଧିକ ପରିମାଣର ଜଳ ସମୁଦାୟଗୁଡ଼ିକୁ ଫେରସ୍ତ କରୁଛି। ଆମାଜନ ୨୦୨୭ ସୁଦ୍ଧା ଭାରତରେ ୱାଟର ପଜିଟିଭ ହେବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଏବଂ ସମୟ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିଛି। ଏହି ସଫଳତା କମ୍ପାନୀର ଆନ୍ତର୍ଜାତୀୟ ଜଳ ପରିଚାଳନା ରଣନୀତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି। ଭାରତ ବିଶ୍ୱ ଜନସଂଖ୍ୟାର ୧୮% ଧାରଣ କରିଛି କିନ୍ତୁ ଏଠାରେ ବିଶ୍ୱ ମଧୁର ଜଳ ସମ୍ବଳର ମାତ୍ର ୪% ରହିଛି, ଯାହା ଏହାକୁ ବିଶ୍ୱର ଅନ୍ୟତମ ସର୍ବାଧିକ ଜଳ-ସଙ୍କଟପୂର୍ଣ୍ଣ ଅଂଚଳରେ ପରିଣତ କରୁଛି। ଆମାଜନ ୩ଟି ସ୍ତମ୍ଭ ଅଧିନରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଏହି ସମସ୍ୟାର ସମାଧାନ କରୁଛି, ତାହା ହେଉଛି: ଜଳ ବ୍ୟହାର ହ୍ରାସ କରିବା, ଟ୍ରିଟମେଂଟ ହାର୍ଭେଷ୍ଟିଂ ସିଷ୍ଟମ ମାଧ୍ୟମରେ ଜଳର ପୁନଃବ୍ୟବହାର ଏବଂ ଜଳ ସଙ୍କଟ ଥିବା ସମୁଦାୟଗୁଡିକରେ ଜଳର ପୁନଃଭରଣ। ଏହି ପ୍ରୟାସଗୁଡିକ ଆମାଜନକୁ ୨୦୨୫ରେ ଏହା ବ୍ୟବହାର କରିଥିବା ଜଳର ୧୨୦% ଫେରାଇବା ପାଇଁ ସକ୍ଷମ କରିଥିଲା, ଯାହା ଏହାକୁ ୱାଟର ପଜିଟିଭରେ ପରିଣତ କରିଛି। ଏହି ପ୍ରଗତିକୁ ନିୟମିତ ଆଭ୍ୟନ୍ତରୀଣ ଓ ତୃତୀୟ ପକ୍ଷ ଅଡିଟ ମାଧ୍ୟମରେ ଯାଂଚ କରାଯାଇଥାଏ। ଏହି ସଫଳତା ସମ୍ପର୍କରେ ଆମାଜନ ଇଣ୍ଡିଆ, ଏପିଏସି, ମିଡିଲ ଇଷ୍ଟ ଓ ତୁର୍କୀର ପରିଚାଳନା ବିଭାଗର ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି,' ଭାରତରେ ୱାଟର ପଜିଟିଭ ହାସଲ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ। ଏହା ହ୍ରଦ ପୁନରୁଦ୍ଧାରଠାରୁ ଆରମ୍ଭ କରି ୱାଟରସେଡ ଡେଭ୍‌ଲପମେଂଟ ପର୍ଯ୍ୟନ୍ତ ବୃହତ ସ୍ତରର ସମୁଦାୟ-ପ୍ରକଳ୍ପଗୁଡିକରେ ନିବେଶ କରିବା ସହ ଆମର ପରିଚାଳନାରେ ଜଳ ଦକ୍ଷତାକୁ ଉନ୍ନତ କରିବା ପାଇଁ ଆମର ଅନେକ ବର୍ଷର ନିରନ୍ତର କାର୍ଯ୍ୟକୁ ପ୍ରତିଫଳନ କରୁଛି। ଆମେ ଜଳ ଗୁଣବତା ଉନ୍ନତ କରିବା ଏବଂ ଦେଶରେ ଅଧିକ ଜଳ-ସ୍ଥାୟୀ ସମୁଦାୟ ନିର୍ମାଣରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

## ଭାରତର ସର୍ବବୃହତ ଆନିମେସନ୍ ଟ୍ରେଲର ଉନ୍ମୋଚନ ସହିତ ମହାପ୍ରଭୁ ଜଗନ୍ନାଥ ଇତିହାସ ରଚିଲେ

**କଟକ, ୨୩।୬ (ନି.ପ୍ର) :** ଗଭୀର ଭକ୍ତି ଏବଂ ଆଧୁନିକ ଯୁଗର ଚଳଚ୍ଚିତ୍ର କଳାର ଚମତ୍କାର ସଙ୍ଗମରେ ବହୁ ଆକାଂକ୍ଷିତ ଆନିମେଟେଡ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ମହାପ୍ରଭୁ ଜଗନ୍ନାଥଙ୍କର ଆନୁଷ୍ଠାନିକ ଟ୍ରେଲର ସମ୍ମାନାସ୍ପଦ ଆଧ୍ୟାତ୍ମିକ ବକ୍ତା ପୂଜ୍ୟ ଶ୍ରୀ ଇନ୍ଦ୍ରେଶ ଉପାଧ୍ୟାୟ ମହାରାଜ ଜୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। କଟକରେ ସମ୍ପ୍ରତି ତାଙ୍କର ଚାଲିଥିବା ଶ୍ରୀମଦ ଭାଗବତ କଥା ଅବସରରେ ଭବ୍ୟ ଆୟୋଜନରେ ଏହି ସ୍ମରଣୀୟ ଉନ୍ମୋଚନ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଚଳଚ୍ଚିତ୍ରର ଟ୍ରେଲରକୁ ଉପସ୍ଥିତ ୧୦ ହଜାର ଭକ୍ତଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା। ଏହା ଭାରତରେ ଯେକୌଣସି ଆନିମେସନ ଚଳଚ୍ଚିତ୍ର ନିମନ୍ତେ ଏହା ସର୍ବବୃହତ ଦର୍ଶକଙ୍କ ଶାରୀରିକ ଉପସ୍ଥିତିରେ ଟ୍ରେଲର ଉନ୍ମୋଚନ କାର୍ଯ୍ୟକ୍ରମ ଥିଲା।

ଉପସ୍ଥିତ ଜନତାଙ୍କର 'ଜୟ ଜଗନ୍ନାଥ' ଧ୍ୱନିରେ କାର୍ଯ୍ୟକ୍ରମ ସ୍ଥଳ ଉଚ୍ଛୁଳି ପଡୁଥିବାବେଳେ ସେଠାରେ ଲାଗିଥିବା ପରଦାଗୁଡିକରେ ଦୃଶ୍ୟଗୁଡିକ ଝଲସି ଉଠୁଥିଲା ଏବଂ ଏହା ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିଥିଲା, ଯେଉଁଠାରେ ପାରମ୍ପରିକ ଆଧ୍ୟାତ୍ମିକ କାହାଣୀ କଥନ ସାବଲୀଳ ଭାବରେ ଆଧୁନିକ ନାଟ୍ୟସ୍ତର ସହିତ ସମ୍ମିଶ୍ରିତ ହୋଇଥିଲା।

ଭଗବାନ ଜଗନ୍ନାଥଙ୍କ ଉପରେ ପ୍ରଥମ ସର୍ବଭାରତୀୟ ଆନିମେଟେଡ ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ର ଭାବରେ ବର୍ଣ୍ଣନା କରାଯାଉଥିବା ମହାପ୍ରଭୁ ଜଗନ୍ନାଥ ଚଳଚ୍ଚିତ୍ରରେ ପ୍ରାଚୀନ ଐତିହ୍ୟକୁ ରୋମାଞ୍ଚପୂର୍ଣ୍ଣ ଏବଂ ପିଲାମାନଙ୍କ ନିମନ୍ତେ ସମ୍ପର୍କିତ କରି ଗଢିତୋଳିବାକୁ ବିଶ୍ୱଶ୍ରେଣୀର ଆନିମେସନର ପ୍ରୟୋଗ କରାଯାଇଛି। ନୂଆକରି ଉନ୍ମୋଚିତ ଟ୍ରେଲରରେ ଅତି ସୁନ୍ଦର ଭାବରେ ଭକ୍ତି, ଏକତା ଏବଂ ବିଶ୍ୱାସର ମୂଳ ବାର୍ତ୍ତାକୁ ପ୍ରଦର୍ଶିତ କରାଯାଇଛି, ଯାହା ପିଲାମାନଙ୍କ ନିମନ୍ତେ ଏହି ସମସ୍ତ ଚିରନ୍ତନ ମୂଲ୍ୟବୋଧଗୁଡ଼ିକୁ ଏକ ସୁସଂହତ ଦୃଶ୍ୟଗତ ଭାଷାରେ ଧରି ରଖିଛି। ଟ୍ରେଲରର କେନ୍ଦ୍ର ସ୍ଥାନରେ ମହାପ୍ରଭୁ ଜଗନ୍ନାଥ ଏବଂ ତାଙ୍କର ଭକ୍ତଗଣଙ୍କ ମଧ୍ୟରେ ଥିବା ଅନନ୍ୟ ମଧୁର, ଦୟାଶୀଳ ଏବଂ ସହଚର ସମ୍ପର୍କକୁ ସ୍ଥାନ ଦିଆଯାଇଛି।




ଏହାର ଉନ୍ମୋଚନ ଅବସରରେ ଉପସ୍ଥିତ ୧୦ ହଜାର ଭକ୍ତଙ୍କର ଅପୂର୍ବ ଶକ୍ତି ଏବଂ ପ୍ରବଳ ଆଗ୍ରହକୁ ଲକ୍ଷ୍ୟକରି ଏଲି ଆନିମେସନସ୍ ପ୍ରାଇଭେଟ ଲିମିଟେଡର ପ୍ରତିଷ୍ଠାତା ତଥା ପ୍ରଯୋଜକ ଦୁର୍ଗା ପ୍ରସାଦ ଦଳାଇ ନିଜର ଉଲ୍ଲାସ ଭାବ ବ୍ୟକ୍ତ କରି କହିଥିଲେ, 'ଆମର ଏହି ଟ୍ରେଲର ଦେଖିବା ସମୟରେ ହଜାର ହଜାର ଭକ୍ତଙ୍କର ହୃଦୟ ଭକ୍ତିଭାବରେ ପରିପୂର୍ଣ୍ଣ ହୋଇଯାଉଥିବାର ଅନୁଭୂତିକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ। ଏହି ଦର୍ଶନୀୟ ଅଭ୍ୟର୍ଥନା ଏହା ପ୍ରମାଣିତ କରୁଛି ଯେ ଜଣେ ଯେତେବେଳେ ଆମର ସମୃଦ୍ଧ ଭାରତୀୟ ଐତିହ୍ୟକୁ ବିଶ୍ୱ ଶ୍ରେଣୀର ଆନିମେସନରେ ଧରି ରଖନ୍ତି, ଏହା ପରିବାରର ଉଭୟ ପିଲା ଏବଂ ବୟସ୍କ ସଦସ୍ୟମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ପରବର୍ତ୍ତୀ ପିଢି ନିମନ୍ତେ ରୋମାଞ୍ଚକାରୀ, ସୁସଂହତ ଏବଂ ଦୃଶ୍ୟଗତ ଭାବରେ ଚମତ୍କାର ହୋଇଥିବା ଢାଞ୍ଚାରେ ଆମର ମୂଳକୁ ଜୀବ' କରି ରଖିବାକୁ ଆମେ ଏହି ଚଳଚ୍ଚିତ୍ର ନିର୍ମାଣ କରିଛୁ। ପବିତ୍ର ସ୍ଥଳଗୁଡିକରୁ ଏହି ଐଶ୍ୱରିକ ଶକ୍ତିକୁ ଆମେ ସିଧା ଭାରତର ବଡ ପରଦାଗୁଡିକୁ ନେବା ପାଇଁ ପ୍ରସ୍ତୁତ ଅଛୁ।'

ଏହି ଆକାଂକ୍ଷିତ ସର୍ବଭାରତୀୟ ପ୍ରୟାସରେ ସୃଜନଶୀଳ ପ୍ରତିଭା ଏବଂ ପ୍ରମୁଖ ପ୍ରଯୋଜନା ସଂସ୍ଥାଗୁଡିକର ଏକ ବିରଳ ସମ୍ମିଶ୍ରଣ ଘଟିଛି ଏବଂ ବିପୁଳ ଲୋକପ୍ରିୟତା ହାସଲ କରିଥିବା ପୋଗୋ ଚାନେଲ ଟିଭି ସିରିଜ୍ ଜୟ ଜଗନ୍ନାଥ ପରେ ଏଲି ଆନିମେସନ ପ୍ରାଇଭେଟ ଲିମିଟେଡ ବ୍ୟାନରରେ ଦୁର୍ଗା ପ୍ରସାଦ ଦଳାଇଙ୍କ ପ୍ରଯୋଜନାରେ ଏହି ଆନିମେସନ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଚଳଚ୍ଚିତ୍ରର ମହାନ ଦୃଷ୍ଟିକୋଣ ଶ୍ରେୟ ନିର୍ଦ୍ଦେଶକ ଶ୍ରୀପଦ ୱର୍ଖେଡକରଙ୍କୁ ଯାଉଥିବାବେଳେ ଏଥିରେ ହୃଦୟସ୍ପର୍ଶୀ ଏବଂ ଭାବପ୍ରବଣତା ସହିତ ମେଳ ଖାଉଥିବା ବର୍ଣ୍ଣନା ରହିଛି ତଥା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ପଲ୍ଲବୀ ଶର୍ମା। ଚଳଚ୍ଚିତ୍ରଗତ ଅନୁଭୂତି ସହିତ ଏକ ଐଶ୍ୱରୀୟ ପରସ୍ତ ଯୋଡି ଅଭିରାଲ କୁମାର ଏହି ପୌରାଣିକ କଥାକୁ ଦେଶବ୍ୟାପୀ ପରଦାଗୁଡିକରେ ଜୀବନ୍ତ କରି ଗଢିତୋଳିବାକୁ ଆତ୍ମାକୁ ଛୁଉଁଥିବା ସଂଗୀତ ପ୍ରସ୍ତୁତ କରିଛନ୍ତି।

ଭାଗବତ କଥା ଅବସରରେ ଏହାର ଟ୍ରେଲର ଉନ୍ମୋଚନ ଭବ୍ୟ ଆକାରରେ ଏବଂ ଅପୂର୍ବ ଉତ୍ସାହ ଆନନ୍ଦର ସହିତ ଅନୁଷ୍ଠିତ ହେବା ପରବର୍ତ୍ତୀ ସମୟରେ ମହାପ୍ରଭୁ ଜଗନ୍ନାଥ ଆନିମେଟେଡ ଚଳଚ୍ଚିତ୍ର ସମଗ୍ର ଦେଶରେ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡିକରେ ହିନ୍ଦୀ, ଓଡ଼ିଆ ଏବଂ ତେଲୁଗୁ ଭାଷାରେ ଜୁଲାଇ ୧୦ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି।

## ଆଦିତ୍ୟ ବିର୍ଲା ଗ୍ରୁପ୍ ଆଇଏନ୍‌ଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମୀ ଶୁଭାରମ୍ଭ କଲା

**ମୁମ୍ବାଇ, ୨୩।୬ (ନି.ପ୍ର) :** ଆଦିତ୍ୟ ବିର୍ଲା ଗ୍ରୁପ୍ ଭାରତର ଅନ୍ୟତମ ସର୍ବାଧିକ ଚର୍ଚ୍ଚିତ ସାଂସ୍କୃତିକ ପ୍ରତିଷ୍ଠାନକୁ ଏକ ନୂଆ ରୂପ ଏବଂ ନବୀକୃତ ଉଦ୍ଦେଶ୍ୟ ପ୍ରଦାନ କରି ଆଇଏନ୍‌ଟି ଆଦିତ୍ୟ ବିର୍ଲା ପରଫର୍ମିଂ ଆର୍ଟସ୍ ଏକାଡେମୀ ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ ଭାରତର ସ୍ୱାଧୀନତା ପୂର୍ବ ବର୍ଷଗୁଡିକରୁ ପିଢି ପରେ ପିଢି କଳାକାର ଏବଂ ଦର୍ଶକଙ୍କୁ ଗଠନ କରିଆସିଥିବା ଭାରତୀୟ ଜାତୀୟ ଥିଏଟର (ଆଇଏନ୍‌ଟି) ନିମନ୍ତେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି।

ଏକାଡେମୀକୁ ଏହାର ଚେୟାରପର୍ସନ ଶ୍ରୀମତୀ ରାଜଶ୍ରୀ ବିର୍ଲା, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ ଶ୍ରୀ କୁମାର ମଙ୍ଗଳମ୍ ବିର୍ଲା, ନୀରଜା ବିର୍ଲା, ଶ୍ରୀମତୀ ଅନନ୍ୟା ବିର୍ଲା ଏବଂ ଶ୍ରୀ ଆର୍ୟମନ୍ ବିକ୍ରମ ବିର୍ଲାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

ଏହି ପ୍ରୟାସ ଆଦିତ୍ୟ ବିର୍ଲା ଗ୍ରୁପ୍ ଇତିହାସର ଏକ ନିରୂପଣକାରୀ ବୈଶିଷ୍ଟ୍ୟକୁ ପ୍ରତିଫଳିତ କରୁଛି: ତାହା ହେଉଛି ସ୍ଥାୟୀ ବିକାଶମୂଳକ ସମ୍ପତ୍ତି ହେଉଥିବା ପ୍ରତିଷ୍ଠାନଗୁଡିକର ସୃଷ୍ଟି। ପିଢି ପରେ ପିଢି ଏହି ଗ୍ରୁପ୍ ବିଦ୍ୟାଳୟସମୂହ, ବିଶ୍ୱବିଦ୍ୟାଳୟସମୂହ, ଡାକ୍ତରଖାନା, ଗବେଷଣା କେନ୍ଦ୍ର, ସାଂସ୍କୃତିକ ପ୍ରତିଷ୍ଠାନ ଏବଂ ଗୋଷ୍ଠୀ ମଞ୍ଚଗୁଡିକ ଜରିଆରେ ରାଷ୍ଟ୍ର-ନିର୍ମାଣରେ ଅର୍ଥ ନିବେଶ କରିଛି। ଆଇଏନ୍‌ଟି ପୁନଃ ପରିକଳ୍ପନା ସେହି ପରମ୍ପରାକୁ ପରିବର୍ଦ୍ଧିତ କରିଛି ଏବଂ ଏଭଳି ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ ଭାରତର କଳାତ୍ମକ ପରମ୍ପରାକୁ ସଂରକ୍ଷିତ, ପାଳନ ଏବଂ ଭବିଷ୍ୟତ ପିଢିଗୁଡିକ ନିମନ୍ତେ ପୁନଃବ୍ୟାଖ୍ୟାନ କରାଯାଇପାରିବ।

ଏକ ପ୍ରଦର୍ଶନ କଳାର ସ୍ଥଳର ଊର୍ଦ୍ଧ୍ୱରେ ଏହି ଏକାଡେମୀକୁ କଳାତ୍ମକ ଉତ୍କର୍ଷ, ସମସ୍ତ ପ୍ରକାର ଥିଏଟର, ସଂଗୀତ ଓ ନୃତ୍ୟ କ୍ଷେତ୍ରରେ ପ୍ରତିଭାମାନଙ୍କୁ ପ୍ରୋତ୍ସାହନ ସହିତ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ମୂଳ ରଖୁଥିବା ନବସୃଜନ ଓ ପରୀକ୍ଷଣ ଆଦିକୁ ପ୍ରୋତ୍ସାହିତ କରିବାକୁ ପରିକଳ୍ପନା କରାଯାଇଛି।

ଏହାର ଶୁଭାରମ୍ଭ ଅବସରରେ ପ୍ରକାଶ କରି ଶ୍ରୀମତୀ ରାଜଶ୍ରୀ ବିର୍ଲା କହିଥିଲେ, 'ଆଇଏନ୍‌ଟି ଆଦିତ୍ୟ ବିର୍ଲା ଏକାଡେମୀ ହେଉଛି ଭାରତର ଅନନ୍ୟ କଳାତ୍ମକ ଐତିହ୍ୟ ଏବଂ ଏହି ପରମ୍ପରାକୁ ପିଢି ପରେ ପିଢି ଉଜ୍ଜୀବିତ ରଖିଥିବା ଅଗଣିତ ବ୍ୟକ୍ତିବିଶେଷଙ୍କ ପ୍ରତି ଆମର ସମ୍ମାନ ପ୍ରଦର୍ଶନ। ଏହା ଶ୍ରୀ ଆଦିତ୍ୟ ବିକ୍ରମ ବିର୍ଲାଙ୍କର ସେହି ବିଶ୍ୱାସକୁ ଧାରଣ କରୁଛି ଯେ, ସୃଜନଶୀଳତା, ପରିକଳ୍ପନା ଏବଂ ସଂସ୍କୃତି ଏକ ସୁସଂହତ ସମାଜର ଅତ୍ୟାବଶ୍ୟକ ସ୍ତମ୍ଭ ଅଟେ। ଆମର ଆକାଂକ୍ଷା ହେଉଛି ଏଭଳି ଏକ ଅନୁଷ୍ଠାନ ସୃଷ୍ଟି କରିବା ଯାହା ଆମର ଶାସ୍ତ୍ରୀୟ ମୂଳଦୁଆକୁ ସମ୍ମାନ ପ୍ରଦର୍ଶନ କରିବ, ସମକାଳୀନ ଅଭିବ୍ୟକ୍ତିକୁ ଆପଣାଇବ ଏବଂ ନୂତନ




ପ୍ରତିଭାମାନଙ୍କ ପାଇଁ ପଥ ଉନ୍ମୁକ୍ତ କରିବ। ସର୍ବୋପରି ଆମର ଆଶା, ଏହା ଏଭଳି ଏକ ରାଷ୍ଟ୍ରୀୟ ମଞ୍ଚ ପାଲଟିବ ଯେଉଁଠାରେ ଭାରତର ବିବିଧ ସାଂସ୍କୃତିକ ସ୍ୱର ସମ୍ମିଳିତ ହୋଇପାରିବ, ପରସ୍ପର ଅପରକୁ ପ୍ରେରଣା ପ୍ରଦାନ କରିବେ ଏବଂ ପ୍ରଦର୍ଶନ କଳାର ଭବିଷ୍ୟତ ଗଠନ କରିବେ।'

ଏକାଡେମୀର ପରାମର୍ଶଦାତା ପରିଷଦରେ ଉସ୍ତାଦ ଅମଜାଦ୍ ଅଲୀ ଖାଁ, ଡ.ଏନ.ରାଜନ, ଶଙ୍କର ମହାଦେବନ୍, ଉଲହାସ କାଶଲକର, ଅରୁଣା ସାଇରାମ, ଲାଲଗୁଡି ଜିଜେଆର୍ କ୍ରିଷ୍ଣନ୍, ଲୁଇଜ୍ ବ୍ୟାଙ୍କସ୍, ବେଲା ସେଗଲ, ୟୁ.ରାଜେଶ, ସିଦ୍ଧାର୍ଥ ରୟ କପୁର, ରଜିତ କପୁର, ଟେରେନ୍‌ସ୍ ଲିୱିସ୍ ଏବଂ କ୍ଲିଣ୍ଟ ଭାଲାଡେୟାରସ୍‌ଙ୍କ ଭଳି ଭାରତର ପ୍ରଦର୍ଶନ କଳାରେ କେତେକ ସର୍ବାଧିକ ଉଲ୍ଲେଖନୀୟ ବ୍ୟକ୍ତିତ୍ୱ ରହିଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାର ଶୁଭାରମ୍ଭ ଉତ୍ସବରେ ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଭାରତର କଳାତ୍ମକ ଚିତ୍ରପଟର ସମୃଦ୍ଧ ଓ ବିବିଧତାକୁ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଖ୍ୟାତିସମ୍ପନ୍ନ କବି, ଗୀତିକାର ଏବଂ ଚିତ୍ରନାଟ୍ୟ ଲେଖକ ଜାଭେଦ ଅଖତର ସାଇରସ୍ ସାହୁକାରଙ୍କ ସହିତ ଅନ୍ତର୍ଦୃଷ୍ଟିସମ୍ପନ୍ନ ବାର୍ତ୍ତାଳାପରେ ନିୟୋଜିତ ହୋଇଥିଲେ, ଯେଉଁଥିରେ ଭାରତର ସାଂସ୍କୃତିକ ବୈଭବକୁ ଆଗେଇ ନେବାରେ ବିତାଇଥିବା ଜୀବନର ପ୍ରତିଫଳନ ବାଣ୍ଟିବା ସହିତ ସ୍ଥିରତା, ସୃଜନଶୀଳତା ଏବଂ ଭବିଷ୍ୟତରେ ଥିବା ସୁଯୋଗଗୁଡିକ ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ।

ବିଶିଷ୍ଟ କଣ୍ଠଶିଳ୍ପୀ କୌଶିକି ଚକ୍ରବର୍ତ୍ତୀ ଚାରିଜଣ କିମ୍ବଦନ୍ତୀ ସ୍ୱର ନୁର୍ ଜେହାଁ, ଶୋଭା ଗୁର୍ଟୁ, କିଶୋରୀ ଅମୋନକର ଏବଂ ବେଗମ୍ ଅଖତରଙ୍କ ସମ୍ମାନାର୍ଥେ ଏକ ଚମତ୍କାର ସାଂଗୀତିକ ଶ୍ରଦ୍ଧାଞ୍ଜଳି ପରିବେଷଣକରିଥିଲେ, ଯାହା ଏକାଡେମୀର ବୃହତ୍ତର ଲକ୍ଷ୍ୟକୁ ଧରି ରଖୁଥିବା ଏକ ପ୍ରଦର୍ଶନରେ ପରମ୍ପରା ଏବଂ ସମକାଳୀନ ବ୍ୟାଖ୍ୟାନକୁ ଏକତ୍ର ଗୁନ୍ଥିବାରେ ସଫଳ ହୋଇଥିଲା।

ଆଇଏନ୍‌ଟିର ଉଦ୍ଭବ ୧୯୪୦ ଦଶକରୁ ପରିବ୍ୟାପ୍ତ ହୋଇଛି, ଯେତେବେଳେ ଭାରତରେ ସ୍ୱାଧୀନତା ସଂଗ୍ରାମ ଚାଲିଥିଲା। କମଳାଦେବୀ ଚଟ୍ଟୋପାଧ୍ୟାୟଙ୍କ ଭଳି ଦୂରଦ୍ରଷ୍ଟାଙ୍କ ମାର୍ଗଦର୍ଶନରେ ଏହି ପ୍ରତିଷ୍ଠାନ ଏହି ବିଶ୍ୱାସରୁ ଉଭା ହୋଇଥିଲା ଯେ, ସଂସ୍କୃତି ଓ ସୃଜନଶୀଳତା ହେଉଛି ଏକ ରାଷ୍ଟ୍ର ନିର୍ମାଣର ଅବିଚ୍ଛେଦ୍ୟ ଅଂଶ। ଦଶନ୍ଧି ଦଶନ୍ଧି ଧରି ଆଇଏନ୍‌ଟି ପି.ଏଲ.ଦେଶପାଣ୍ଡେ, ଡ. ଶ୍ରୀରାମ ଲାଗୁ, ଅମରିଶ ପୁରୀ, ସଦାଶିବ ଅମରାପୁରକର, ସ୍ମିତା ପାଟିଲ, ସୀବ କୁମାର, ଡିନା ପାଠକ, ଭକ୍ତି ବାର୍ଭେ, ରୋହିଣୀ ହାଓଙ୍ଗଡି, ଅଶୋକ ସରାଫ, ପରେଶ ରାୱଲ ଏବଂ ସ୍ୱରୂପ ସମ୍ପତଙ୍କ ସମେତ ଭାରତର କେତେକ ସର୍ବାଧିକ ପ୍ରଦର୍ଶନକାରୀଙ୍କ ନିମନ୍ତେ ଏକ ଉତ୍ପତ୍ତି ସ୍ଥଳ ପାଲଟିଥିଲା।

ବିରଳ ସାଂଗୀତିକ ରେକର୍ଡିଂ, ପ୍ରଦର୍ଶନ ଏବଂ ଚଳଚ୍ଚିତ୍ରଗତ କୃତିଗୁଡିକୁ ସଂରକ୍ଷିତ କରୁଥିବା ଏକ ଉତ୍ସର୍ଗୀକୃତ ଅଭିଲେଖ କେନ୍ଦ୍ର ସ୍ଥାପନ ନିମନ୍ତେ ମଧ୍ୟ ଯୋଜନା କରାଯାଉଛି, ଯାହାଦ୍ୱାରା ଭବିଷ୍ୟତ ପିଢିଗୁଡିକ ନିମନ୍ତେ ଏକ ମୂଲ୍ୟବାନ ସାଂସ୍କୃତିକ ଭଣ୍ଡାର ସୃଷ୍ଟି କରାଯାଇପାରିବ।

ଏକ ଅଣ-ଲାଭଜନକ ପ୍ରୟାସ ଭାବରେ ଏକାଡେମୀର ଲକ୍ଷ୍ୟ କଳାତ୍ମକ ଉତ୍କର୍ଷର ଊର୍ଦ୍ଧ୍ୱକୁ ମଧ୍ୟ ପରିବ୍ୟାପ୍ତ ଅଟେ। ସମ୍ପର୍କ ସ୍ଥାପନ, ଶିକ୍ଷା ଏବଂ ଗୋଷ୍ଠୀ ନିୟୋଜନତା ଜରିଆରେ ଏହା କଳାକୁ ବିଶେଷଭାବରେ ସେବାରୁ ବଞ୍ଚିତ ସମୁଦାୟଙ୍କ ନିମନ୍ତେ ଅଧିକ ସୁଲଭ୍ୟ କରିବାକୁ ଚାହୁଁଛି, ଯାହାଦ୍ୱାରା ଆତ୍ମବିଶ୍ୱାସ, ସୁଯୋଗ ଏବଂ ସାମାଜିକ ଅର୍ନ୍ତଭୁକ୍ତି ପାଇଁ ସୃଜନଶୀଳତାକୁ ଏକ ବାହନ ଭାବରେ ସମର୍ଥ କରାଯିବ।

ଏହି ଉଦ୍‌ଘାଟନ ସହିତ ଏକାଡେମୀ ସମାଜକୁ ସୁଦୃଢ, ଜୀବନକୁ ସମୃଦ୍ଧ କରୁଥିବା ଏବଂ 'ଫୋର୍ସ ଫର୍ ଗୁଡ' ହେବା ନିମନ୍ତେ ଗ୍ରୁପ୍‌ର ସ୍ଥାୟୀ ଆକାଂକ୍ଷାକୁ ବହନ କରୁଥିବା ଆଦିତ୍ୟ ବିର୍ଲା ପ୍ରତିଷ୍ଠାନସମୂହର ଏକ ଦୀର୍ଘ ଧାରାରେ ଯୋଡି ହୋଇଛି।

## ବେଦାନ୍ତ ଆଲୁମିନିୟମ ନ୍ୟାସନାଲ ଷ୍ଟକ୍ ଏକ୍ସଚେ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ରେ ତାଲିକାଭୁକ୍ତ ଏକ ସ୍ୱାଧୀନ ସଂସ୍ଥା ଭାବରେ କାର୍ଯ୍ୟ ଆରମ୍ଭ କରିଛି

**ଭୁବନେଶ୍ୱର, ୨୩।୬ (ନି.ପ୍ର):** ବେଦାନ୍ତ ଆଲୁମିନିୟମ ମେଟାଲ୍ ଲିମିଟେଡ୍ (ବିଏସଇ:୫୪୪୭୮୦। ଏନଏସଇ:ଭିଏଏମଏଲ) ୧୫ ଜୁନ୍ ୨୦୨୬ ରୁ ଜାତୀୟ ଷ୍ଟକ୍ ଏକ୍ସଚେ (ଏନଏସଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେ (ବିଏସଇ) ରେ ଏକ ସ୍ୱାଧୀନ ତାଲିକାଭୁକ୍ତ ସଂସ୍ଥା ଭାବରେ ଆନୁଷ୍ଠାନିକ ଭାବରେ ବାଣିଜ୍ୟ ଆରମ୍ଭ କରିଛି, ବେଦାନ୍ତ ଗ୍ରୁପର ଐତିହାସିକ ଡିମର୍ଜରର



ସଫଳ ସମାପ୍ତି ପରେ, ଯାହା ୧ ମେ ୨୦୨୬ ରେ କାର୍ଯ୍ୟକାରୀ ହୋଇଥିଲା। ତାଲିକାଭୁକ୍ତ କମ୍ପାନୀର ବିବର୍ତ୍ତନରେ ଏକ ପ୍ରମୁଖ ମାଇଲଖୁଂଟ ଚିହ୍ନିତ କରିଛି, ବର୍ଦ୍ଧିତ ରଣନୈତିକ ନମନୀୟତା ଏବଂ ଦୃଢ଼ ଦୀର୍ଘକାଳୀନ ଅଭିବୃଦ୍ଧି ଦୃଶ୍ୟମାନତା ସହିତ ଏକ କେନ୍ଦ୍ରିତ, ବିଶୁଦ୍ଧ-ଆଲୁମିନିୟମ ବ୍ୟବସାୟ ସୃଷ୍ଟି କରିଛି। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଏବଂ ବିଶ୍ୱର ପ୍ରମୁଖ ସମନ୍ୱିତ ଆଲୁମିନିୟମ କମ୍ପାନୀ ମଧ୍ୟରୁ ଗୋଟିଏ ଭାବରେ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି। କମ୍ପାନୀ ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଅଷ୍ଟ୍ରେଲିଆ ଏବଂ ଆଫ୍ରିକାରେ ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ ଉଭା ହେବାକୁ ପ୍ରସ୍ତୁତ। ବିଦ୍ୟମାନ ଉତ୍ପାଦନ କ୍ଷମତାକୁ ବାର୍ଷିକ ୬୦ ଲକ୍ଷ ଟନକୁ ଦ୍ୱିଗୁଣିତ କରିବା, ଏବଂ ସଂରଚନାତ୍ମକ ମୂଲ୍ୟ ସୁବିଧା ସହିତ, ଏହା ବିଶ୍ୱ ସ୍ତରରେ ଉତ୍ପାଦନର ସର୍ବନିମ୍ନ ଖର୍ଚ୍ଚ ମଧ୍ୟରୁ ଗୋଟିଏ ହାସଲ କରିବାକୁ ସ୍ଥିର ହୋଇଛି, ଗୁଣବତାର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି, ପ୍ରମୁଖ ବିଶ୍ୱ ବଜାରରେ ଚାହିଦା ପୂରଣ କରି ଏବଂ ଭିତିଭୂମି, ଅଟୋମୋଟିଭ୍, ବିଦ୍ୟୁତୀକରଣ, ମହାକାଶ ଏବଂ ଉନ୍ନତ ଉତ୍ପାଦନରେ ଦୀର୍ଘକାଳୀନ ଟେଲୱିଣ୍ଡରୁ ଲାଭ ପାଇଛି।

ଡିମର୍ଜରର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ବେଦା' ଆଲୁମିନିୟମର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହେବ, ଭବିଷ୍ୟତର ଧାତୁ, ଆଲୁମିନିୟମର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଉତ୍ସର୍ଗୀକୃତ ଏକ ଅଗ୍ରଣୀ ଧାତୁ କମ୍ପାନୀ ଗଠନ କରିବାର ଆମର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରୁଛି। ଆମର ଧ୍ୟାନ ଏକ ଦ୍ରୁତ ପରିବର୍ତିତ ବିଶ୍ୱର ଆବଶ୍ୟକତା ସହିତ ସମନ୍ୱିତ ଏକ ସ୍ଥିର, ପ୍ରଯୁକ୍ତିବିଦ୍ୟା-ଚାଳିତ ଏବଂ ମୂଲ୍ୟ-ଦକ୍ଷ ବ୍ୟବସାୟ ସୃଷ୍ଟି କରିବା ଉପରେ। ବିଶ୍ୱ ଶକ୍ତି ପରିବର୍ତ୍ତନ ଏବଂ ଅତ୍ୟାଧୁନିକ ନବସୃଜନର ମୂଳରେ ଆଲୁମିନିୟମ ସହିତ, ଆମେ ଏକ ଉତ୍ପାଦନ ଶକ୍ତିହାଉସ୍ ଭାବରେ ଭାରତର ଉଦୟକୁ ଯୋଗଦାନ ଦେବା ସହିତ ଦୀର୍ଘକାଳୀନ ମୂଲ୍ୟ ପ୍ରଦାନ କରିବା ପାଇଁ ଅସାଧାରଣ ଭାବରେ ଭଲ ସ୍ଥିତିରେ ଅଛୁ।

## ଦି ଯୋଗ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସମଗ୍ର ଭାରତରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

**ମୁମ୍ବାଇ/ଭୁବନେଶ୍ୱର, ୨୨।୬ (ନି.ପ୍ର):** ବିଶ୍ୱର ସବୁଠାରୁ ପୁରୁଣା ସଂଗଠିତ ଯୋଗ କେନ୍ଦ୍ର, ସାନ୍ତାକ୍ରୁଜ୍ (ମୁମ୍ବାଇ) ସ୍ଥିତ 'ଦି ଯୋଗ ଇନଷ୍ଟିଚ୍ୟୁଟ୍' (ଟିୱାଇଆଇ), ପକ୍ଷରୁ ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ' (ଯୋଗା ଫର୍ ହେଲ୍ଥି ଏଜିଙ୍ଗ୍) କୁ ଆଧାର କରି ସମଗ୍ର ଭାରତରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ନିଜର ୧୦୭ ବର୍ଷର ଗୌରବମୟ ଯାତ୍ରା ଅବସରରେ ଏହି ଅନୁଷ୍ଠାନ ମୁମ୍ବାଇ, ଚେନ୍ନାଇ, ଜୟପୁର ଏବଂ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ସହରରେ ଶହ ଶହ କାର୍ଯ୍ୟକ୍ରମ ଆୟୋଜନ କରି ଲକ୍ଷ ଲକ୍ଷ ଅଂଶଗ୍ରହଣକାରୀଙ୍କୁ ଯୋଗ ସହ ଯୋଡ଼ିଛି। ଏହି ଉତ୍ସବ ଅନ୍ତର୍ଗତ ୧୯-୨୧ ଜୁନ୍ ପର୍ଯ୍ୟନ୍ତ ଏକ ୩-ଦିନିଆ ଅନଲାଇନ୍ ଯୋଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଗୌରାଙ୍ଗ ଦାସ ଜୀ, ରିଆନ୍ ଫର୍ଣ୍ଣାଣ୍ଡୋ ଏବଂ ମିକି ମେହେଟ୍ଟାଙ୍କ ଭଳି ପ୍ରତିଷ୍ଠିତ ବିଶେଷଜ୍ଞମାନେ ଯୋଗ ଦେଇ ସୁସ୍ଥ ବାର୍ଦ୍ଧକ୍ୟର ବ୍ୟବହାରିକ ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ବାନ୍ଦ୍ରା ରେକ୍ଲମେସନ୍ ଏବଂ ମେରାଇନ୍ ଡ୍ରାଇଭ୍ (ଯୋଗ ବାଏ ଦି ବେ) ଠାରେ ଆୟୋଜିତ ବିଶାଳ ସାମୁଦାୟିକ ଯୋଗ ଅଧିବେଶନରେ ହଜାର ହଜାର ଜନସାଧାରଣଙ୍କ ସହ କେନ୍ଦ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ, ଜିତିନ ପ୍ରସାଦ, ଜୟନ୍ତ ଚୌଧୁରୀ ଏବଂ ମହାରାଷ୍ଟ୍ରର କ୍ୟାବିନେଟ୍ ମନ୍ତ୍ରୀ ଆଶିଷ ଶେଲାର ପ୍ରମୁଖ ଉପସ୍ଥିତ ରହି ଜନସ୍ୱାସ୍ଥ୍ୟ ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସଂସ୍ଥାର ନିର୍ଦ୍ଦେଶିକା ଡକ୍ଟର ହଂସାଜୀ ଯୋଗେନ୍ଦ୍ର ଯୋଗ ମାଧ୍ୟମରେ ଶରୀରରେ ସ୍ଫୁର୍ତ୍ତି, ମନରେ ସ୍ୱଷ୍ଟତା ଏବଂ ଜୀବନରେ ଆତ୍ମନିର୍ଭରଶୀଳତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବ୍ୟାପକ ଅଭିଯାନ ମାଧ୍ୟମରେ ଇନଷ୍ଟିଚ୍ୟୁଟ୍ ବିଭିନ୍ନ ସରକାରୀ ମନ୍ତ୍ରାଳୟ, ପ୍ରତିରକ୍ଷା ବାହିନୀ (ସେନା, ବାୟୁସେନା ଓ ସିଆଇଏସଏଫ), ବିମାନବନ୍ଦର, ଡାକଘର, ପ୍ରମୁଖ ଶିକ୍ଷାନୁଷ୍ଠାନ (ଏନଏମଆଇଏମଏସ୍, ମିଥିବାଇ) ଏବଂ ଓଏନଜିସି, ଏସବିଆଇ ଓ ମ୍ୟାକଲଏଡସ୍ ଫାର୍ମାସ୍ୟୁଟିକାଲ୍ସ ଭଳି କର୍ପୋରେଟ୍ ସଂସ୍ଥାଗୁଡ଼ିକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି ସମାଜର ପ୍ରତ୍ୟେକ ବର୍ଗ ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇଛି। ବିଗତ ବର୍ଷଗୁଡ଼ିକରେ ୧୦ କୋଟିରୁ ଅଧିକ ଜୀବନକୁ ସ୍ପର୍ଶ କରିଥିବା ଏବଂ ୧ ଲକ୍ଷରୁ ଅଧିକ ପ୍ରମାଣିତ ଶିକ୍ଷକ ପ୍ରସ୍ତୁତ କରିଥିବା ଏହି ଅନୁଷ୍ଠାନକୁ ଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ପ୍ରଧାନମନ୍ତ୍ରୀ ପୁରସ୍କାର'ରେ ମଧ୍ୟ ସମ୍ମାନିତ କରାଯାଇଛି।

## ନୂତନ ମ୍ୟାନ୍-ଲିଫ୍ଟର ଏବଂ ଭର୍ଟିଗୋ ହାଇଟ୍ ଟେଷ୍ଟ ଷ୍ଟ୍ରକଚର୍ ସହିତ କ୍ଷେତ୍ର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ଦକ୍ଷତାକୁ ଅଧିକ ସୁଦୃଢ଼ କଲା ଟିପିଡବ୍ଲୁଓଡିଏଲ୍

**ବୁର୍ଲା, ୨୩।୬ (ନି.ପ୍ର):** କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଓ କର୍ମଚାରୀ ସୁରକ୍ଷା ପ୍ରତି ନିଜର ନିରନ୍ତର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କ୍ଷେତ୍ରସ୍ତରୀୟ ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲାଗି ୪ଟି ନୂତନ ମ୍ୟାନ୍-ଲିଫ୍ଟର ଯାନ ଏବଂ ଏକ ଭର୍ଟିଗୋ ହାଇଟ୍ ଟେଷ୍ଟ ଷ୍ଟ୍ରକଚରର ଉଦ୍‌ଘାଟନ କରାଯାଇଅଛି ।

ଏହି ୪ଟି ନୂତନ ଯାନ ସାମିଲ ହେବା ପରେ ଟିପିଡବ୍ଲୁଓଡିଏଲର ମୋଟ ମ୍ୟାନ୍-ଲିଫ୍ଟର ଯାନ ସଂଖ୍ୟା ୧୭ରେ ପହଞ୍ଚିଛି । ଫଳସ୍ୱରୂପ, କମ୍ପାନୀର ପ୍ରତ୍ୟେକ ଡିଭିଜନରେ ଅତି କମରେ ଗୋଟିଏ ମ୍ୟାନ୍-ଲିଫ୍ଟର ଯାନ ଉପଲବ୍ଧ ରହିବ । ବିଶେଷକରି ଉଚ୍ଚସ୍ଥାନରେ କରାଯାଉଥିବା ରକ୍ଷଣାବେକ୍ଷଣ, ନିରୀକ୍ଷଣ, ସ୍ଥାପନ, ଗଛ ଡାଳ କାଟିବା ଓ ଜରୁରୀକାଳୀନ ବିଦ୍ୟୁତ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ସୁରକ୍ଷାକୁ ବୃଦ୍ଧି କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ମ୍ୟାନ୍-ଲିଫ୍ଟର ଯାନଗୁଡ଼ିକ କର୍ମଚାରୀଙ୍କୁ ଏକ ସ୍ଥିର, ସୁରକ୍ଷିତ ଓ ନିୟନ୍ତ୍ରିତ କାର୍ଯ୍ୟ ପରିବେଶ ପ୍ରଦାନ କରିଥାଏ, ଯାହା ଶିଡ଼ି କିମ୍ବା ଅସ୍ଥାୟୀ ସ୍କାଫୋଲ୍ଡିଂ ଭଳି ପାରମ୍ପରିକ ବ୍ୟବସ୍ଥା ସହ ଜଡିତ ବିପଦକୁ ଯଥେଷ୍ଟ କମାଇଥାଏ । ଗାର୍ଡରେଲ୍, ସୁରକ୍ଷା ଗେଟ୍ ଏବଂ ସେଫ୍ଟି ହାର୍ନେସ୍ ପାଇଁ ଆଙ୍କରେଜ୍ ପଏଣ୍ଟ ଭଳି ଆଧୁନିକ ସୁରକ୍ଷା ବୈଶିଷ୍ଟ୍ୟ ସହ ସଜ୍ଜିତ ଏହି ଯାନଗୁଡ଼ିକ କର୍ମଚାରୀଙ୍କୁ ଅଧିକ ସୁରକ୍ଷିତ ଓ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନରେ ସହାୟତା କରିବ ।

ଏହି ଯାନଗୁଡ଼ିକ ନିୟମିତ ରକ୍ଷଣାବେକ୍ଷଣ ଓ ପରିଚାଳନା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବା ସହ କାଳବୈଶାଖୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ପ୍ରତିକ୍ରିୟା କ୍ଷମତାକୁ ମଧ୍ୟ ସୁଦୃଢ଼ କରିବ । ଉଚ୍ଚସ୍ଥାନରେ ଶୀଘ୍ର ଓ ସୁରକ୍ଷିତ ପହଞ୍ଚ ସୁନିଶ୍ଚିତ ହେବା ଫଳରେ ବିଦ୍ୟୁତ ସରବରାହର ଶୀଘ୍ର ପୁନରୁଦ୍ଧାର ଓ ଗ୍ରାହକ ସେବାର ନିର୍ଭରଯୋଗ୍ୟତା ବୃଦ୍ଧି ପାଇବ । ସେହିପରି ନିଜର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ପାଇଁ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ସମ୍ବଲପୁରସ୍ଥିତ ଗୋଶାଳା ଟ୍ରେନିଂ



ସେଣ୍ଟରରେ ଏକ ଭର୍ଟିଗୋ ହାଇଟ୍ ଟେଷ୍ଟ ଷ୍ଟ୍ରକଚରର ଉଦ୍‌ଘାଟନ କରାଯାଇଅଛି । ଉଚ୍ଚସ୍ଥାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ କ୍ଷମତାର ମୂଲ୍ୟାଙ୍କନ ଓ ପ୍ରଶିକ୍ଷଣ ପାଇଁ ଏହି ସୁବିଧା ବିକଶିତ କରାଯାଇଛି । ଏହା କର୍ମଚାରୀଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ ଓ ଆତ୍ମବିଶ୍ୱାସ ବୃଦ୍ଧିର ସୁଯୋଗ ପ୍ରଦାନ କରିବା ସହ ସୁରକ୍ଷିତ କାର୍ଯ୍ୟ ପଦ୍ଧତି ଅନୁସରଣ ଏବଂ କାର୍ଯ୍ୟସ୍ଥଳ ବିପଦ ହ୍ରାସ କରିବାରେ ସହାୟକ ହେବ । ଏହି ଅବସରରେ ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି ଯେ, "ଟିପିଡବ୍ଲୁଓଡିଏଲରେ ଆମର କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ଦାୟିତ୍ୱ ଏବଂ ପରିଚାଳନା କୌଶଳର ଏକ ମୂଳ ଆଧାର । କର୍ମଚାରୀଙ୍କୁ ଉପଯୁକ୍ତ ଉପକରଣ, ଆଧୁନିକ ପ୍ରଯୁକ୍ତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପ୍ରଦାନ କରି ଆମେ ଅଧିକ ସୁରକ୍ଷିତ କାର୍ଯ୍ୟ ପରିବେଶ, ଦ୍ରୁତ ପ୍ରତିକ୍ରିୟା କ୍ଷମତା ଏବଂ ଗ୍ରାହକଙ୍କ ପାଇଁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସୁନିଶ୍ଚିତ କରୁଅଛୁ।" ଏହି ନୂତନ ପଦକ୍ଷେପଗୁଡ଼ିକ କାର୍ଯ୍ୟସ୍ଥଳ ସୁରକ୍ଷା, କର୍ମଚାରୀ କଲ୍ୟାଣ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ନେଟୱର୍କ ରକ୍ଷଣାବେକ୍ଷଣ ପ୍ରତି ଟିପିଡବ୍ଲୁଓଡିଏଲର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଆଧୁନିକ ଉପକରଣ ଓ ବିଶେଷଜ୍ଞ ପ୍ରଶିକ୍ଷଣ ଭିତ୍ତିଭୂମିରେ ବିନିଯୋଗ ମାଧ୍ୟମରେ କମ୍ପାନୀ ପଶ୍ଚିମ ଓଡ଼ିଶାରେ ଏକ ଅଧିକ ସୁରକ୍ଷିତ କାର୍ଯ୍ୟ ପରିବେଶ ଗଠନ ସହ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଅଛି । ଟିପିଡବ୍ଲୁଓଡିଏଲ୍ ସମ୍ବନ୍ଧରେ: ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ହେଉଛି ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏକ ଯୌଥ ଉଦ୍ୟୋଗ, ଯେଉଁଥିରେ ଉଭୟଙ୍କ ଅଂଶଧନ ଯଥାକ୍ରମେ ୫୧:୪୯ ଅଟେ । ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ ବିତରଣ ଏବଂ ଖୁଚୁରା ଯୋଗାଣ ଦାୟିତ୍ୱରେ ୯ଟି ଜିଲ୍ଲା ଏବଂ ପ୍ରାୟ ୪୮,୦୦୦ ବର୍ଗ କିଲୋମିଟର ବିତରଣ କ୍ଷେତ୍ରରେ ୨୧ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଅଛି । କମ୍ପାନୀ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟ କ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ । ଭିତ୍ତିଭୂମି, ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରାହକ ସେବାରେ ନିରନ୍ତର ନିବେଶ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ପଶ୍ଚିମ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ସହ ଏହି ଅଞ୍ଚଳର ଶକ୍ତି ରୂପାନ୍ତରଣ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଲକ୍ଷ୍ୟ ରଖିଛି ।

